ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.225 Bhubaneswar Tuesday, October 26, 2021 | ୨୪ତମ ବର୍ଷ ସଂଖ୍ୟା-୨୨୫ ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୨୬, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ଚଣ୍ଡିଖୋଲ ନିକଟସ୍ଥ ଗୋପାଳପୁର ଗ୍ରାମର ବାପୁଜୀ ଉଚ୍ଚ ପ୍ରାଥମିକ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଜଗନ୍ନାଥ ସାମନ୍ତରାୟଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ମଞ୍ଚାସୀନ ଅତିଥି ବୃନ୍ଦ

## ସତ୍ୟବିହାରରେ ସେକ୍ସ ର୍ୟାକେଟ୍ ଠାବ, ୩ ଯୁବତୀ ଉଦ୍ଧାର

ଭୁବନେଶ୍ୱର, ୨୫।୧୦(ପି.ଏନ): ଭୁବନେଶ୍ୱରରେ ସତ୍ୟବିହାରରେ କନସଲଟାନ୍ସି ସେଂଟର ନାମରେ ସେକ୍ସ ର୍ୟାକେଟ୍ ଚାଲିଥିବା ଅଭିଯୋଗ ହୋଇଛି ।କମିଶନରେଟ୍ ପୋଲିସ ସତ୍ୟବିହାରରେ ଥିବା କନ୍‌ସଲଟାନ୍ସିରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଘର ଭିତରୁ ୩ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ଏହି ମାମଲାରେ କନ୍‌ସଲଟାନ୍ସି ଏଜେନ୍ସିର ମାଲିକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଘର ଭିତରୁ ବହୁ ଆପତିଜନକ ସାମଗ୍ରୀ ଜବତ ହୋଇଛି। ରବିବାର ଜଣେ ମହିଳା ଦେହ ଦଲାଲଙ୍କ କବଳରୁ ଖସି ଆସି ମଂଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମହିଳାଙ୍କ ଅଭିଯୋଗକୁ ଭିତିକରି କମିଶନରେଟ୍ ପୋଲିସ୍ ଆଜି ଚଢାଉ କରିଥିଲା।

## ଗୋଟିଏ ଦିନରେ ୪୨୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୫।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୨୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୮୮୩୬ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୫ ହଜାର ୯୧୭ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୫୫୪ ରହିଛି । ଆଜି ଚିହ୍ନଟ ହୋଇଥିବା ୪୪୭ ଜଣଙ୍କ ମଧ୍ୟରୁ ୨୪୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୭୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୧୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨, ବାଲେଶ୍ୱରରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୪୦ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୪ ଜଣ ସଂକ୍ରମିତ ହୋଇଥିବା ବେଳେ ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୦ ଜଣ, ଯାଜପୁରରୁ ୧୧ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୧ ଜଣ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡାରୁ ୩ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ପୁରୀରୁ ୮ ଜଣ, ରାୟଗଡ଼ାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ସମ୍ବଲପୁରରୁ ୧୪ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୧. ସୁନ୍ଦରଗଡ଼ରୁ ୩ ଜଣ ଓ ଷ୍ଟେଟ୍ ପୁଲରୁ ୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପୌର ନିର୍ବାଚନ ପ୍ରସ୍ତୁତି : ଡିସେମ୍ବର ୧୩ ସୁଦ୍ଧା ପୁନର୍ଗଠନ, ସଂରକ୍ଷଣ ତାଲିକା ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୧୦(ପି.ଏନ): ରାଜ୍ୟରେ ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ, ସଂରକ୍ଷଣ କାର୍ଯ୍ୟ ସାରିବାକୁ ପଦକ୍ଷେପ ଆରମ୍ଭ ହୋଇଛି। ଏନେଇ ସବୁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ। ଡିସେମ୍ବର ୧୩ ମଧ୍ୟରେ ପୁନର୍ଗଠନ, ସଂରକ୍ଷଣ ତାଲିକା ଦେବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଆସନ ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ନେଇ ନଭେମ୍ବର ୯ ତାରିଖରୁ ମତାମତ ଗ୍ରହଣ କରାଯିବ । ମତାମତ ଦାଖଲର ଶେଷ ଦିନ ରହିଛି ନଭେମ୍ବର ୧୮ ତାରିଖ । ନଭେମ୍ବର ୨୯ ତାରିଖରେ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ୨୯ ନଭେମ୍ବରରୁ ୧୩ ଡିସେମ୍ବର ମଧ୍ୟରେ ବିଜ୍ଞପ୍ତି ଉପରେ ଆପତି ଅଭିଯୋଗ ଦାଖଲ କରାଯାଇପାରିବ ।ରାଜ୍ୟରେ ଥିବା ବିଭିନ୍ନ ମ୍ୟୁନିସିପାଲିଟି ଓ ଏନଏସିରେ ପୁଣି ଥରେ ଆସନ ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ କରାଯିବ । ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଜିଲ୍ଲାପାଳ ମାନଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ନିର୍ବାଚନ ଆୟୋଗଙ୍କ ଯୋଜନା ଅନୁସାରେ ଭୋଟର ତାଲିକା ପ୍ରସ୍ତୁତି ଓ ନିର୍ବାଚନ ପୂର୍ବରୁ ପୌରସଂସ୍ଥାଗୁଡ଼ିକର ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟାକୁ ଶେଷ କରାଯିବ।

## କରୋନା ମୃତକ କିଟ୍ କର୍ମଚାରୀଙ୍କ ପରିବାରକୁ କିଟ୍‌ର ସହାୟତା


ଭୁବନେଶ୍ୱର, ୨୫।୧୦(ପି.ଏନ): କିଟ୍ ଓ କିସ୍ ପକ୍ଷରୁ ଏହାର କର୍ମଚାରୀଙ୍କ କଲ୍ୟାଣ ସକାଶେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପରାମର୍ଶ କ୍ରମେ ସମୟକୁ ସମୟ ବିଭିନ୍ନ ଯୋଜନା ହାତକୁ ନିଆଯାଇଥାଏ। ଇତି ମଧ୍ୟରେ ସମଗ୍ର ବିଶ୍ୱରେ କରୋନାର କରାଳ ଛାୟା ଘୋଟି ଯାଇଥିବା ବେଳେ ଏଥିରେ ବାଦ୍ ପଡ଼ି ନ ଥିଲା ଭାରତ ଏବଂ ଓଡ଼ିଶା। ବିଶ୍ୱ ମହାମାରୀରେ ଲକ୍ଷାଧିକ ଲୋକଙ୍କ ଅକାଳ ମୃତ୍ୟୁ ହୋଇଛି । କିଟ୍ ଶିକ୍ଷାନୁଷ୍ଠାନ ସମୂହର କିଛି କର୍ମଚାରୀ ମଧ୍ୟ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ନିଜ ଜୀବନ ହାରିଛନ୍ତି। କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ




ପରାମର୍ଶ କ୍ରମେ କିଟ୍ ପକ୍ଷରୁ ୨୦୨୦ରେ ଏହାର କରୋନା ମୃତକ କର୍ମଚାରୀଙ୍କ ପରିବାର ପାଇଁ ଏକ ସ୍ୱତନ୍ତ୍ର ଘୋଷଣା କରାଯାଇଥିଲା। କରୋନାରେ ମୃତ୍ୟୁବରଣ କରିଥିବା କିଟ୍ ଶିକ୍ଷାନୁଷ୍ଠାନ ସମୂହର କର୍ମଚାରୀଙ୍କ ପରିବାରର ଭବିଷ୍ୟତ ସୁରକ୍ଷା ପାଇଁ ନଗଦ ୫ ଲକ୍ଷ ଟଙ୍କା, ପରିବାରର ଜଣେ ସଦସ୍ୟଙ୍କୁ ନିଜ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ କିଟ୍ ଶିକ୍ଷାନୁଷ୍ଠାନ ସମୂହରେ ନିଯୁକ୍ତି ଏବଂ ସେମାନଙ୍କ ପିଲାଙ୍କୁ ଯୋଗ୍ୟତା ଅନୁସାରେ କିଟ୍ ବିଶ୍ୱବିଦ୍ୟାଳୟରେ ବିନାଦେୟରେ ଶିକ୍ଷାଦାନ ପାଇଁ ଗତ ବର୍ଷ ଶ୍ରୀ ସାମନ୍ତ ଘୋଷଣା କରିଥିଲେ। ଘୋଷଣା ମୁତାବକ ସୋମବାର କିଟ୍ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂପୃକ୍ତ ପରିବାରର ସଦସ୍ୟମାନଙ୍କୁ ୫ ଲକ୍ଷ ଟଙ୍କାର ଚେକ୍ ଓ କିଟ୍ ଶିକ୍ଷାନୁଷ୍ଠାନ ସମୂହରେ ନିଯୁକ୍ତି ପାଇଁ ଶ୍ରୀ ସାମନ୍ତ ନିଯୁକ୍ତ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି, ଉପକୁଳପତି ପ୍ରଫେସର ସସ୍ମିତା ସାମନ୍ତ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଏବଂ କିଟ୍ ଶିକ୍ଷାନୁଷ୍ଠାନ ସମୂହର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ପୁଳାପୁଳା ପ୍ରମାଣ ତଥାପି ତଦନ୍ତ ଶୂନ୍ ?: ଦିବ୍ୟଶଙ୍କରଙ୍କୁ 'ବାଜି' ଲଗାଇଛି ବିଜେଡି

ଭୁବନେଶ୍ୱର, ୧୫।୧୦(ପି.ଏନ): ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ସହ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଘନିଷ୍ଠତାର ପୁଳାପୁଳା ଅଭିଯୋଗ ଥିଲେ ମଧ୍ୟ ତଦନ୍ତ କିମ୍ବା ପ୍ରମାଣ ସଂଗ୍ରହ ପାଇଁ ପୁଲିସ ସାହସ ଜୁଟାଇ ପାରୁନି। ମମିତାଙ୍କୁ ନିର୍ମମ ହତ୍ୟା ଓ ସେକ୍ସ ସ୍କାଣ୍ଡାଲ ମାମଲାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ ସତ୍ତ୍ୱେ ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତିକୁ ମାର୍କେଟିଂ କରାଉଥିବା ବିଜେଡିର କୋରଟିମ୍ ହିଁ ଦିବ୍ୟଶଙ୍କରଙ୍କ ମନ୍ତ୍ରୀ ପଦକୁ ସୁରକ୍ଷିତ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିରୋଧୀଙ୍କ ହୋ-ହାଲ୍ଲା, ଜିଲ୍ଲାସ୍ତରରେ ବନ୍ଦ, ବିକ୍ଷୋଭ ଓ ଧାରଣା ଭିତରେ ବିଜେଡିର ଏହି କୋରଟିମ୍ ଏବେ 'ଦିବ୍ୟଶଙ୍କର'ଙ୍କୁ ବାଜି ଲଗାଇ ଦଳୀୟ ସଂଗଠନ ଉପରେ ଏକତରଫା ନିୟନ୍ତ୍ରଣ ପାଇଁ ରଣନୀତି ପ୍ରସ୍ତୁତ କରିଛି। ଦିବ୍ୟଶଙ୍କରଙ୍କ ମନ୍ତ୍ରୀ ପଦକୁ ସୁରକ୍ଷିତ ରଖି ଏହି କୋରଟିମ୍ ନିଜର ଜଣେ ଯୁବ ବିଧାୟକଙ୍କୁ ପତିଆରା ଦେଖାଇବାକୁ ସୁଯୋଗ ଦେବା ଓ ସଂଗଠନ ଉପରେ ତାଙ୍କର ହାକିମାତି ହିଁ କାମ କରୁଛି ବୋଲି ସନ୍ଦେଶ ଦେବାକୁ ପ୍ରୟାସ କରିଛି। ଅନ୍ୟପକ୍ଷରେ ଦିବ୍ୟଶଙ୍କରଙ୍କ ବିରୁଦ୍ଧରେ ପୁଳାପୁଳା ଅଭିଯୋଗ ଉପରେ ଶାସକ ଦଳର ବିଧାୟକଙ୍କଠୁ ଆରମ୍ଭ କରି ମନ୍ତ୍ରୀ ଓ ସାଂସଦ ପର୍ଯ୍ୟନ୍ତ କେହି ମୁହଁ ଖୋଲିବାକୁ ରାଜି ନଥିବାରୁ ଏହି କୋରଟିମ୍ ଏବେ ଅନଭିଜ୍ଞ ନବାଗତଙ୍କ ମାଧ୍ୟମରେ ବିଜେଡିର ପକ୍ଷ ରଖିବାକୁ ବାଧ୍ୟ ହେଉଥିବା ଜଣାପଡିଛି ।ବିଜେଡି ସୂତ୍ର ଅନୁସାରେ, ଗୋବିନ୍ଦ ସାହୁ ସହ ଦିବ୍ୟଶଙ୍କରଙ୍କ ସମ୍ପୃକ୍ତିକୁ ନେଇ ସୋସିଆଲ ମିଡିଆରେ ବିଭିନ୍ନ କଥା ଆସୁଥିବାବେଳେ ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ରଙ୍କ ଅଭିଯୋଗକୁ ବିଜେଡିର ଅଧିକାଂଶ ନେତା ବେଶ୍ ଗୁରୁତ୍ୱ ଦେଉଛନ୍ତି। ଆଗକୁ ପଂଚାୟତ ଓ ପୌର ନିର୍ବାଚନ ଥିବାବେଳେ ଏହି ମାମଲାକୁ ଦଳ ଯେଭଳି ଢଙ୍ଗରେ ହ୍ୟାଣ୍ଡେଲ କରୁଛି ତାହା ବିଜେଡିର ଅନେକ ନେତାଙ୍କୁ କ୍ଷୁବ୍ଧ କରିଛି। ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଯୋଗାଯୋଗ ପାଇଁ କୌଣସି ନେତା ଓ ମନ୍ତ୍ରୀଙ୍କୁ ଅନୁମତି ନଥିବାରୁ ତା'ର ଫାଇଦା ଉଠାଇ ବିଜେଡିର ତଥାକଥିତ କୋରଟିମ୍ ଏବେ ନିଜସ୍ୱ ବ୍ୟବସାୟିକ ଓ ରାଜନୀତିକ ସ୍ୱାର୍ଥ ନିମନ୍ତେ ଦିବ୍ୟଶଙ୍କରଙ୍କୁ ସୁରକ୍ଷା ଦେଇଚାଲିଛି। ଦିବ୍ୟଶଙ୍କର ମାମଲାକୁ ଏହି କୋରଟିମ୍ ଯେଉଁ ଢଙ୍ଗରେ ହ୍ୟାଣ୍ଡେଲ କରୁଛି ଅବା ଦିବ୍ୟଶଙ୍କରଙ୍କ ସପକ୍ଷରେ ଯୁକ୍ତି ବା ?ବାକୁ ଦଳର ଯେଉଁମାନଙ୍କୁ ଗଣମାଧ୍ୟମ ସମ୍ମୁଖକୁ ଅଣାଯାଉଛି, ସେମାନଙ୍କର ଅନଭିଜ୍ଞତା ଓ ରାଜନୀତିକ ଅସ୍ତିତ୍ୱ ହିଁ ପରୋକ୍ଷରେ ବିଜେଡିର ପୁରୁଖା ଓ ବରିଷ୍ଠ ନେତାମାନଙ୍କୁ କ୍ଷୁବ୍ଧ କରିଛି। ନବୀନଙ୍କ ନିର୍ମଳ ଭାବମୂର୍ତ୍ତି ହିଁ ବିଜେଡିର ସମ୍ବଳ ହୋଇଥିବାବେଳେ ସେହି ସମ୍ବଳ ଓ ପୁଞ୍ଜିକୁ ଏହି କୋରଟିମ୍ କାହିଁକି ସାଧାରଣରେ ଲାଞ୍ଛିତ, ଅପମାନିତ ଓ କ୍ଷତାକ୍ତ କରିବା ଜିଦରେ ଅଟଳ ରହିଛି ତାହା ଦଳୀୟ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ।ଅନ୍ୟପକ୍ଷରେ, ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରେ ନେତୃତ୍ୱ ପରିବର୍ତ୍ତନର ପ୍ରକ୍ରିୟା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବାରୁ ଏବେ ଦିବ୍ୟଶଙ୍କରଙ୍କ ମାଧ୍ୟମରେ ଏହି କୋରଟିମ୍ ନିଜର ଜଣେ ଅନୁଗତ(ଯୁବ ବିଧାୟକ)ଙ୍କୁ ଆଗକୁ ଆଣିଛି । ଦିବ୍ୟଶଙ୍କରଙ୍କ ପାଖରେ ଶକ୍ତି, ଶିଳ୍ପ, ଗୃହ ଓ ଏମଏସଏମଇ ବିଭାଗର ମନ୍ତ୍ରୀ ପଦ ଥିଲେ ମଧ୍ୟ ସମ୍ପୃକ୍ତ ଯୁବ ବିଧାୟକ ହିଁ ସୁପର ମିନିଷ୍ଟର ଭଳି କାର୍ଯ୍ୟ କରୁଛନ୍ତି। ସେହି ଯୁବ ବିଧାୟକ ହିଁ ଏବେ ଦିବ୍ୟଶଙ୍କରଙ୍କ ସୁରକ୍ଷାକବଚ ପାଲଟିଥିବା ଉଭୟ ଦଳ ଓ ବିରୋଧୀ ଦଳରେ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ହୋଇଛି। ନବୀନଙ୍କୁ ମୋହରା ସଜାଇ ଏହି କୋରଟିମ୍ ସମ୍ପୃକ୍ତ ଯୁବ ବିଧାୟକଙ୍କୁ ମୁଣ୍ଡରେ ନେତୃତ୍ୱର ଶିରିପା ବାନ୍ଧିବାକୁ ଯାଉଥିବାରୁ ଦିବ୍ୟଶଙ୍କରଙ୍କୁ ସୁରକ୍ଷା ହିଁ ସରକାର, ଦଳ ଓ ବିରୋଧୀ ଦଳରେ ତାଙ୍କ ପତିଆରା ବୃଦ୍ଧିକୁ ଏକ ପ୍ରମୁଖ ସୁଯୋଗ ଭାବେ ଉପଯୋଗ କରୁଛି ।ଅନ୍ୟପକ୍ଷରେ, ପୁଲିସ ଏପର୍ଯ୍ୟନ୍ତ ମମିତା, ଗୋବିନ୍ଦ ଓ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଫୋନ୍ କଲ ବିବରଣୀକୁ ତଦନ୍ତ ପରିସରଭୁକ୍ତ କରିନାହିଁ କିମ୍ବା କେଉଁ କାରଣ ପାଇଁ ମମିତାଙ୍କର ନିର୍ମମ ହତ୍ୟା କରାଗଲା ତା'ର ତଥ୍ୟପ୍ରମାଣ ଯୋଗାଡ କରିବାରେ ପୁଲିସ ସକ୍ଷମ ହୋଇନି। ଯଦିଓ ଗୋବିନ୍ଦ ନିଜେ ଅପରାଧ ସ୍ୱୀକାର କରିଛି ଓ ମନ୍ତ୍ରୀଙ୍କ ଆଡକୁ ଯେଭଳି କିଛି ଅଙ୍ଗୁଳି ନିର୍ଦ୍ଦେଶ ନହେବ ସେଥିପାଇଁ ପୁଲିସ ସୁଚିନ୍ତିତ ଭାବେ ବାରମ୍ବାର ପ୍ରେସମିଟ୍ କରିବା, ଅଭିଯୁକ୍ତକୁ ଗଣମାଧ୍ୟମଠୁ ଦୂରେଇ ରଖିବା, ମନ୍ତ୍ରୀ ନିଜେ ନିରବତା ଅବଲମ୍ବନ କରୁଛନ୍ତି ।ଗୋବିନ୍ଦ ଓ ମନ୍ତ୍ରୀଙ୍କ ସମ୍ପର୍କ, ସେକ୍ସ ସ୍କାଣ୍ଡାଲ ଅଭିଯୋଗର ତଦନ୍ତ ମଧ୍ୟ ଏପର୍ଯ୍ୟନ୍ତ ପୁଲିସ ଆରମ୍ଭ କରିନଥିବାବେଳେ ବ୍ୟବସାୟିକ ସମ୍ପର୍କ ହିଁ ବାଧକ ସାଜିଛି। ଯେଉଁଥିପାଇଁ ଅଭିଯୋଗ ଉପରେ ପୁଲିସକୁ ତଦନ୍ତ କରିବାକୁ ସ୍ୱାଧୀନତା ମିଳୁନି ଓ ପରୋକ୍ଷରେ ମାମଲାକୁ ଦୁର୍ବଳ କରିଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବା ଚର୍ଚ୍ଚା ହେଉଛି। ଆଉ ଦିବ୍ୟଶଙ୍କରଙ୍କୁ କ୍ଲିନଚିଟ୍ ଦେଇ ପୂର୍ବଭଳି ସରକାରୀ କାର୍ଯ୍ୟ କରିବା ନିମନ୍ତେ ଗତ ଶୁକ୍ରବାରଠୁ ଅନୁମତି ଦିଆଯାଇଥିବା ଜଣାପଡିଛି।





## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**






# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।



## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।



## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।



## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୨୬

# ସାମ୍ବାଦିକତାକୁ ନୋବେଲ





ଯେତେବେଳେ ସାମ୍ବାଦିକତା କାଠଗଡାରେ ଏବଂ ସାମ୍ବାଦିକ ଓ ଗଣମାଧ୍ୟମର କଣ୍ଠରୋଧ ପାଇଁ ଏକଛତ୍ରବାଦୀ ସରକାର ଚେଷ୍ଟିତ, ସେତେବେଳେ ବାକ୍ ସ୍ୱାଧୀନତା ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୁଇଜଣ ସାମ୍ବାଦିକଙ୍କୁ ମର୍ଯ୍ୟାଦାଜନକ ନୋବେଲ ଶାନ୍ତି ପୁରସ୍କାର ଘୋଷଣା ନିଶ୍ଚିତ ଭାବେ ବିଶ୍ୱରେ ଗଣମାଧ୍ୟମର ଗୁରୁତ୍ୱ ଅକ୍ଷୁର୍ଣ୍ଣ ରହିଛି ଏବଂ ରହିବ, ଏହା ହିଁ ପ୍ରତିପାଦିତ କରୁଛି ବୋଲି କୁହାଯାଇପାରିବ। ଚଳିତ ବର୍ଷ ଫିଲିପାଇନସ୍‌ର ମହିଳା ସାମ୍ବାଦିକ ମାରିଆ ରେସା ଓ ଋଷ ଦିମିତ୍ରି ମୁରାଟୋଭ ମିଳିତ ଭାବେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମାରିଆ ଫିଲିପାଇନସ୍‌ରେ ବୃଦ୍ଧି ପାଉଥିବା ଏକଛତ୍ରବାଦ, ଦୁର୍ନୀତି. ହିଂସା, ଆଦିକୁ ନିଜର ଡିଜିଟାଲ ମିଡିଆ 'ରାପଲର' ମାଧ୍ୟମରେ ପ୍ରକାଶ କରି ରାଷ୍ଟ୍ରପତି ରୋଡ୍ରିଖୋ ଟୁଡେର୍ଟେଙ୍କ ସ୍ୱେଚ୍ଛାସେବୀ କାର୍ଯ୍ୟକୁ ଲୋକଲୋଚନକୁ ଆଣିବାରେ ସମର୍ଥ ହୋଇଛନ୍ତି। ସେହିପରି ଦିମିତ୍ରି ଋଷର ଏକଛତ୍ରବାଦୀ ଶାସନ ତଥା ରାଷ୍ଟ୍ରପତି ଭାଡିବାମର ପୁଟିନ୍‌ଙ୍କ ଦୁର୍ନୀତି ଓ କ୍ଷମତା ଅପବ୍ୟବହାର ସମ୍ପର୍କରେ ନିଜର ସମ୍ବାଦପତ୍ର "ନୋଭାୟା ଗାଜେଟା"ରେ ପ୍ରକାଶ କରିଛନ୍ତି, ଯେଉଁଥିପାଇଁ କି ତାଙ୍କୁ ବହୁମୂଲ୍ୟ ଦେବାକୁ ପଡିଛି। ତାଙ୍କର ୬ ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି। ମାତ୍ର ନିଜ ଜୀବନକୁ ଭ୍ରୂକ୍ଷେପ ନକରି ଡିମିତ୍ରି କେବଳ ଉଦାହରଣ ସୃଷ୍ଟି କରିନାହାଁନ୍ତି। ବୃତିରେ ଥିବା ସାମ୍ବାଦିକମାନଙ୍କର ପଥପ୍ରଦର୍ଶକ ହୋଇଛନ୍ତି। ସେ ନୋବେଲ ଶାନ୍ତି ପୁରସ୍କାରକୁ ନିର୍ଭିକ ସାମ୍ବାଦିକତାର ପରିଚୟ ଦେଇ ହତ୍ୟାର ଶିକାର ହୋଇଥିବା ନିଜର ୬ଜଣ ସହଯୋଗୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଡିମିତ୍ରିଙ୍କ ପୂର୍ବରୁ ତତ୍କାଳୀନ ସୋଭିଏତ୍ ୟୁନିୟନର ଶେଷ ରାଷ୍ଟ୍ରପତି ମିଖାଇଲ ଗୋର୍ବାଚୋଭ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ସରକାରୀ କଳ ଏବଂ ଶାସକଙ୍କ ବିରୁଦ୍ଧରେ ଲଗାତାର ସତ୍ୟ ଖବର ପ୍ରକଶନ କରି ରୁଗ୍ଣ ହୋଇପଡିଥିବା ତଥା ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହୋଇଥିବା ନୋଭାୟା ଗାଜେଟାକୁ ଗୋର୍ବାଚେଭ ତାଙ୍କ ନୋବେଲ ପୁରସ୍କାର ରାଶିରୁ କିଛି ଅଂଶ ପ୍ରଦାନ କରିଥିଲେ। ଯାହାକି ଖବରକାଗଜକୁ ବଂଚାଇ ପାରିଛି। ସେହିପରି ଅନ୍ୟତମ ନୋବେଲ ଶାନ୍ତି ବିଜେତା ମାରିଆ ଏକଛତ୍ରବାଦ ଶାସକଙ୍କ ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ବାରମ୍ବାର ଲେଖନୀ ଚାଳନା କରି ବହୁବାର କାରାବରଣ ମଧ୍ୟ କରିଛନ୍ତି। ବାକ୍ ସ୍ୱାଧୀନତା ସୁରକ୍ଷା ପାଇଁ ତାଙ୍କର ଅବଦାନ ପାଇଁ ସେ ପୁରସ୍କୃତ ହୋଇଛନ୍ତି, ଯାହାକି ତାଙ୍କ ପାଇଁ ସମ୍ମାନ ଆଣିଦେଇଛି। ତେବେ ନୋବେଲ ଶାନ୍ତି ପୁରସ୍କାର ଘୋଷଣା ବେଳେ ଏଥର କୌଣସି ବିବାଦ ଦେଖାଦେଇନାହିଁ। ଏଥିରୁ ଦୁଇ ସାମ୍ବାଦିକଙ୍କ ଅବଦାନ ସ୍ପଷ୍ଟ ଅନୁମାନ କରାଯାଇପାରେ। ବାକ୍ ସ୍ୱାଧୀନତା ସୁରକ୍ଷା ପାଇଁ ଦୁଇ ସାମ୍ବାଦିକ ଯେଉଁ ଅଭୂତପୂର୍ବ ସାହସ ପ୍ରଦର୍ଶନ କରିଛନ୍ତି, ତାହାକୁ ସାରା ବିଶ୍ୱ ଗ୍ରହଣ କରିଛି, ଏହା ସ୍ପଷ୍ଟ। କହିବା ବାହୁଲ୍ୟ ଯେ, ବାକ୍ ସ୍ୱାଧୀନତା କେବଳ ଯେ, ଗଣତନ୍ତ୍ର ପାଇଁ ପ୍ରମୁଖ ଉପାଦାନ ନୁହେଁ, ଏକ ସହନଶୀଳ ସମାଜ ସହିତ ଏହା ଓତଃପ୍ରୋତ ଭାବେ ଜଡିତ। ସେହିଦୃଷ୍ଟିରୁ ନୋବେଲ କମିଟି ଅଧ୍ୟକ୍ଷ ବେରିଟ୍ ରେଇସ୍ -ଆଣ୍ଡରସେନ ଶାନ୍ତି ପୁରସ୍କାର ଘୋଷଣା କରିବା ଅବସରରେ ଯାହା କହିଥିଲେ, ତାହା ମଧ୍ୟ ପ୍ରଣିଧାନଯୋଗ୍ୟ। ସେ କହିଥିଲେ ଯେ, ଏହି ଦୁଇ ସାମ୍ବାଦିକ ବିଶ୍ୱରେ ଗଣମାଧ୍ୟମର ସ୍ୱାଧୀନତା ପାଇଁ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କ ପ୍ରତିନିଧିତ୍ୱ କରୁଛନ୍ତି। ଏହା ସତ୍ୟ ଯେ, ସ୍ୱାଧୀନତା ଓ ଗଣତନ୍ତ୍ର ସୁରକ୍ଷା ପାଇଁ ବିଶ୍ୱବ୍ୟାପୀ ବହୁ ସାମ୍ବାଦିକ ଓ ସାମାଜିକ କର୍ମୀ କାର୍ଯ୍ୟ କରି ଆସୁଛନ୍ତି। ଏଥିପାଇଁ କେତେକଙ୍କୁ ପ୍ରାଣ ଦେବାକୁ ପଡିଛି ତ, କେତେକଙ୍କୁ କାରାଦଣ୍ଡ ଭୋଗିବାକୁ ପଡିଛି। ସାଉଦି ସାମ୍ବାଦିକ ଜାମଲ ଖାସୋଗୀଙ୍କୁ ହତ୍ୟା ଏହାର ଜ୍ୱଳନ୍ତ ଉଦାହରଣ। ସେହିପରି ବେଲା ଋଷର ସାମ୍ବାଦିକ ରୋମାନ ପ୍ରୋଟାସ୍ୟୁଇଚଙ୍କୁ ବିମାନ ଭିତରୁ ଟାଣି ନେଇ ଗିରଫ କରାଯିବା ଘଟଣା ବୋଧହୁଏ କେହି ଭୁଲି ନଥିବେ। ଆଫଗାନରେ ନିକଟରେ ତାଲିବାନ ଶାସକ କାର୍ଯ୍ୟରତ ବହୁ ସାମ୍ବାଦିକଙ୍କୁ ହତ୍ୟା କରିଛନ୍ତି। ଯେଉଁଠି ଏକଛତ୍ରବାଦ ଶାସନ ବୃଦ୍ଧି ପାଉଛି, ସେଠାରେ ସମ୍ବାଦିକ ଅକାଳରେ ଜୀବନ ହରାଇଛନ୍ତି। ବହୁଚର୍ଚ୍ଚିତ ଲିଖିମପୁରରେ କାର୍ଯ୍ୟରତ ସାମ୍ବାଦିକ ରମେଶ କାଶ୍ୟପଙ୍କୁ ହତ୍ୟା କରାଯିବା ଘଟଣା ଏବେ ବି ମନରୁ ଲିଭିନାହିଁ। ଏହା ନିଶ୍ଚିତ ଯେ, ମାରିଆ ଓ ଡିମିତ୍ରିଙ୍କ ପାଇଁ ସାମ୍ବାଦିକତା କେବଳ ପେଶା ନୁହେଁ, ଜୀବନଠାରୁ ଆହୁରି ମୂଲ୍ୟବାନ। ସତ୍ୟ ସମ୍ବାଦ ପରିବେଷଣ ଏବଂ ନିର୍ଭିକତା ହିଁ ସାମ୍ବାଦିକତାର ମୂଳମନ୍ତ୍ର। ଏହି ମନ୍ତ୍ର ଦେଇଛନ୍ତି ମାରିଆ ଓ ଡିମିତ୍ରି। ସଂପ୍ରତି ସାମ୍ବାଦିକତାର ମୂଲ୍ୟବୋଧ ସାମ୍ବାଦିକ ଓ ଗଣମାଧ୍ୟମ ମାଲିକଙ୍କ ଲାଭଖୋର ମନବୃତି ଯୋଗୁଁ କମି କମି ଯାଉଥିବା ବେଳେ ମାରିଆ ଓ ଡିମିତ୍ରିଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ଅନ୍ୟମାନଙ୍କ ପାଇଁ ପଥପ୍ରଦର୍ଶକ ହେବ। କେବଳ ଏତିକି ନୁହେଁ ଏହି ଦୁଇ ସାମ୍ବାଦିକଙ୍କ ପାଇଁ ଗଣମାଧ୍ୟମ ଯେ, ଆଜି ପୁଣି ନିଜର ହୃତ୍‌ଗୌରବ ଫେରି ପାଇଛି, ସ୍ୱୟଂ ସମ୍ମାନିତ ହୋଇଛି, ଏହା ନିଃସନ୍ଦେହରେ କୁହାଯାଇପାରେ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଆଜିର ଅନୁଚିନ୍ତା

''ମୁଁ ସର୍ବଦା ପୂର୍ଣ୍ଣ ଥିଲି, ଏବେବି ଅଛି ଓ ଥିବି ମଧ୍ୟ''–ଏହି ଭାବନା ହିଁ ତୁମ୍ଭଙ୍କୁ ବଡ଼ କରିବ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଆମ ଓଡିଆ ଭାଷା – କିଛି କଥା କିଛି ବ୍ୟଥା

ଉମାଶଙ୍କର ପ୍ରସାଦ



ସେ ଦିନ ପଡୋଶୀ ବଙ୍ଗଳାର କେତେଜଣ ସ୍ୱାର୍ଥାନ୍ଧ ବ୍ୟକ୍ତିଙ୍କ ହୀନ ଚକ୍ରାନ୍ତ ଫଳରେ ଓଡିଆ ଭାଷା ଓ ସଂସ୍କୃତି ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଥିଲା। "ଉଡିୟା ଏକଟା ସ୍ୱତନ୍ତ୍ର ଭାଷା ନଏ"। ଅର୍ଥାତ୍ ଓଡିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ। ଏହା ବଙ୍ଗ ଭାଷାର ବିକୃତ ରୁପାନ୍ତର ମାତ୍ର। ଏଭଳି କଟୁକ୍ତି ବାକ୍ୟ କହିଥିଲେ ବାଲେଶ୍ୱର ଜିଲ୍ଲାର ସଂସ୍କୃତାଚାର୍ଯ୍ୟ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ। ତାଙ୍କର ଏ ପ୍ରକାର କଟୁକ୍ତି ସେଦିନ ଓଡିଶାର ଭାଷାପ୍ରେମୀ, ସଂସ୍କୃତିପ୍ରେମୀ ଓ ମୁଷ୍ଟିମେୟ ଯୁବପ୍ରାଣରେ ସୃଷ୍ଟି କରିଥିଲା ବିଦ୍ରୋହର ଆଗ୍ନେୟ-ସ୍ପନ୍ଦନ। ହୃଦରେ ଭରି ଦେଇଥିଲା ନିଜ ଦେଶ, ନିଜ ଜାତି ତଥା ସ୍ୱ-ମାତୃଭାଷାର ସୁରକ୍ଷା ପାଇଁ କିଛି କରିବାର ଉଷ୍ମ ଉନ୍ମାଦନା। ଫକୀରମୋହନ, ଗୌରୀଶଙ୍କର, ରାଧାନାଥ ଓ ମଧୁସୂଦନ—ଏହିପରି କତିପୟ ସଂସ୍କୃତିପ୍ରେମୀ ଯୁବମାନସର ଆପ୍ରାଣ ଉଦ୍ୟମର ସାର୍ଥକ ଫଳଶ୍ରୁତି ରୂପେ ସେଦିନ ଓଡିଆ ଭାଷା ଓ ସାହିତ୍ୟ ତିଷ୍ଠି ରହିବାକୁ ସକ୍ଷମ ହୋଇଥିଲା। ବସ୍ତୁତଃ ଏହା ହିଁ ଥିଲା ପ୍ରଥମ ଓଡିଆ ଭାଷା ସୁରକ୍ଷା ଆନ୍ଦୋଳନ।

ଓଡିଆ ଭାଷାର ଆତ୍ମରକ୍ଷା କରିବାକୁ ଯାଇ ଏ ଜାତିର ବାଗ୍‌ଦେବୀଙ୍କ ବରପୁତ୍ରମାନେ ରଚନା କରିଥିଲେ ଯୁଗୋପଯୋଗୀ ଆଧୁନିକ ସାହିତ୍ୟ। ଯଦିଓ ପ୍ରାରମ୍ଭିକ କାଳରେ ଓଡିଶାର ନବୋଦିତ ସ୍କୁଲମାନଙ୍କର ପାଠ୍ୟପୁସ୍ତକ ଉଦ୍ଦେଶ୍ୟରେ ଏସବୁ (ପ୍ରବନ୍ଧ ଓ କବିତାମାନ) ରଚିତ ହୋଇଥିଲା, ପରବର୍ତ୍ତୀ କାଳରେ ଏହାଦ୍ୱାରା ଆମ ଭାଷା ଓ ସାହିତ୍ୟ କ୍ଷେତ୍ରରେ ନୂତନ ଏକ ଅଧ୍ୟାୟର ସୂତ୍ରପାତ ହୋଇଥିଲା। ନୂତନ ଆଧୁନିକ ଭାବଶୈଳୀରେ କାବ୍ୟ-କବିତା, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ଓ ନାଟକମାନ ରଚିତ ହେବା ସଙ୍ଗେ ସଙ୍ଗେ ଆଧୁନିକ ଓଡିଆ ଭାଷା ଓ ସାହିତ୍ୟର ସାର୍ଥକ ଶିଳାନ୍ୟାସ ହେଲା। ଆହୁରି ମଧ୍ୟ ସଂସ୍କୃତିପ୍ରେମୀ ସାହିତ୍ୟିକମାନଙ୍କର ନିରନ୍ତର ଉଦ୍ୟମ ଫଳରେ କ୍ରମଶଃ ଆବିଷ୍କୃତ ହେଲା ଏ ଜାତିର ଆତ୍ମା। ସମୃଦ୍ଧ ପ୍ରାଚୀନ ଓ ମଧ୍ୟଯୁଗୀୟ ସାରସ୍ୱତ ଗ୍ରନ୍ଥାବଳୀ। ପ୍ରକୃତରେ ସମୁଦ୍ରମନ୍ଥନରୁ ଅମୃତ ସୃଷ୍ଟି ହେଲା ପରି ଓଡିଆଭାଷା ସୁରକ୍ଷା ଆନ୍ଦୋଳନରୁ ଆମେ ପାଇଥିଲୁ ସଂଜୀବନୀ ଓ ଅନେକ ସାରସ୍ୱତ ଅମୂଲ୍ୟ ସମ୍ପଦ। ଓଡିଶାରେ ଜାତୀୟପ୍ରେମ ବିଶେଷଭାବେ ସୃଷ୍ଟି ହୋଇଥିଲା ଭାଷାକୁ ନେଇ, ନିଜର ଭୌଗୋଳିକ ଅସ୍ତିତ୍ୱକୁ ନେଇ। ନିଜ ଭାଷାର ସୁରକ୍ଷା ଏ ଜାତିର ଅନ୍ତରରେ ଭରି ଦେଇଥିଲା ବିଦ୍ରୋହର ଉତ୍ତାଳ ତରଙ୍ଗ। ଭାଷାକୁ ନେଇ ଜାତୀୟଭାବନା—ବସ୍ତୁତଃ ଏହାହିଁ ଥିଲା ଆମ ପାଇଁ ଐତିହାସିକ ଭାଷା ସୁରକ୍ଷା ଆନ୍ଦୋଳନର ମହତମ ଉପଲବ୍ଧି। ମାତ୍ର ଆମ ଜାତୀୟ ଜୀବନରେ କ୍ରମବୃଦ୍ଧିଶୀଳ, ଅବକ୍ଷୟ ଚେତନା ମୂଲ୍ୟବୋଧ ଶୂନ୍ୟତା ଓ ସ୍ୱାର୍ଥପର ମାନସିକତା ହିଁ ପରୋକ୍ଷରେ ଏହି ସାଂସ୍କୃତିକ ଅବକ୍ଷୟକୁ ଆମନ୍ତ୍ରଣ କରିଛି। ଆଜି ଆମର ନିଜସ୍ୱ ସ୍ୱାଭିମାନ ବୋଲି କିଛି ନାହିଁ। ସମାଜର ଉଚ୍ଚଶ୍ରେଣୀଠାରୁ ଆରମ୍ଭକରି ନିମ୍ନ ଶ୍ରେଣୀର ନାଗରିକ ପର୍ଯ୍ୟନ୍ତ ସମସ୍ତେ ସ୍ୱାର୍ଥପରତାରୂପୀ ମହାବ୍ୟାଧିରେ ପୀଡିତ ଓ ସେମାନଙ୍କ ଆତ୍ମକୈନ୍ଦ୍ରିକ ଜୀବନଦୃଷ୍ଟି କେବଳ ନିଜସ୍ୱ ସମସ୍ୟାକୁ ନେଇ ଚିନ୍ତାରରତ। ସମଷ୍ଟିଗତ ଭାବନା, ସ୍ନେହ ସହାନୁଭୂତି, ପରୋପକାର ଇତ୍ୟାଦି ଜାତୀୟ ଜୀବନରୁ କ୍ରମଶଃ ଅପସରି ଯିବାକୁ ବସିଲାଣି। ଏସବୁ ବ୍ୟତିରେକେ ସାଂସ୍କୃତିକ ବିପର୍ଯ୍ୟୟ ଯେ ସୁନିଶ୍ଚିତ, ଏହା ବ୍ୟାଖ୍ୟା କରିବା ଅନାବଶ୍ୟକ। କ୍ରମବର୍ଦ୍ଧିତ ନିରୁଦ୍‌ବେଗ ଯାନ୍ତ୍ରିକ ଜୀବନ ଓ ବ୍ୟବସାୟିକ ଚିତବୃତି ଆଜି ଆମ ଭାଷା ସାହିତ୍ୟର ବିଲୟ ପାଇଁ ପଥ ଉନ୍ମୁକ୍ତ କରିଦେଇଛି।

ଅତଏବ ସଂପ୍ରତି ଆମ ମାତୃଭାଷା ଗୁରୁତର ସଙ୍କଟର ସମ୍ମୁଖୀନ। ଏହି ସଙ୍କଟ ସୃଷ୍ଟି ଓ ସ୍ୱରୂପ ସମ୍ପର୍କରେ ସଠିକ୍ ଭାବରେ ଅନ୍ୱେଷା କରି ତା'ର ନିରାକରଣାର୍ଥେ ପ୍ରୟାସ କରିବା ଏକ ସଚେତନ ଓଡିଆର କର୍ତ୍ତବ୍ୟ ହେବା ବାଂଛନୀୟ। ଆମ ସାମାଜିକ ଜୀବନରେ ମାତୃଭାଷା ଓଡିଆର ମହନୀୟ ସ୍ଥିତିର ସ୍ୱରୂପ ସମ୍ପର୍କରେ କିଛି ଆଲୋଚନା କରୁଛି। ଆଜିର ସମାଜରେ ଲୋକମାନେ ଇଂରାଜୀ ଭାଷାର ଶବ୍ଦଟିଏ କହି ଫମ୍ପା ଗୌରବ ଅନୁଭବ କରନ୍ତି। ଏ ବ୍ୟାଧି ଅଭିଜାତମୟ ସହରୀ ଜୀବନଠାରୁ ସୁଦୂର ମଫସଲ ପର୍ଯ୍ୟନ୍ତ ସର୍ବତ୍ର ଲକ୍ଷଣୀୟ। ଗାଁଗହଳର ନିରକ୍ଷର ଲୋକମାନଙ୍କ ବିକୃତ ଇଂରାଜୀ ଉଚ୍ଚାରଣ ଯେତିକି କୌତୁକପ୍ରଦ ଓ ହାସ୍ୟକର, ସେତିକି ଲଜ୍ଜାକର ମଧ୍ୟ। ଏ ପ୍ରବଣତା ଆଜି ଏପରି ହେଲାଣି ଯେ ନିରୋଳା ଓଡିଆ ଭାଷାର ଶବ୍ଦଟିଏ କହିଲେ ଅବୁଝା ହୋଇ ରହିଯାଇଛି। ତା'ର ଇଂରାଜୀ ପ୍ରତିଶବ୍ଦଟିର ସାହାଯ୍ୟ ନ ନେଇ ସଂଶିତ ଶବ୍ଦଟିର ଅର୍ଥ ଆଜିର ଶିକ୍ଷିତ ସମାଜ ବୁଝିପାରୁନାହାଁନ୍ତି। ଏହା ଏକପ୍ରକାର ବିଲକ୍ଷଣ ନୁହେଁ କି? ବାସ୍ତବିକ୍ ଏହା ସମାଜପକ୍ଷେ ଆଦୌ ଶୁଭଙ୍କର ନୁହେଁ।

ଆଜିର ଶିକ୍ଷା ବ୍ୟବସ୍ଥାକୁ ଅନୁଶୀଳନ କଲେ ମାତୃଭାଷା ଓଡିଆର ଦୟନୀୟ ସ୍ଥିତି ଆହୁରି ସ୍ପଷ୍ଟ ହୋଇଯାଏ। ଆଜି ସମାଜର ଅଭିଜାତ ଶ୍ରେଣୀଠାରୁ ଆରମ୍ଭ କରି ନିମ୍ନ ମଧ୍ୟବିତ ଶ୍ରେଣୀର ମାନସିକତାରେ ମାତୃଭାଷା ପ୍ରତି ହୀନମନ୍ୟତାର ଭାବ ପରିଲକ୍ଷିତ ହୁଏ। ସେଥିପାଇଁ ସଂପ୍ରତି ଇଂରାଜୀମାଧ୍ୟମ ପବ୍ଲିକ୍ ସ୍କୁଲଗୁଡିକର ବହୁଳ ପ୍ରସାର ହୋଇଛି। ଆଜିର ବ୍ୟବସାୟିକ ପ୍ରତିଯୋଗିତାମୟ ଯୁଗର ଇଂରାଜୀମାଧ୍ୟମ ପବ୍ଲିକ୍ ସ୍କୁଲମାନଙ୍କରେ ଶିକ୍ଷାପାଇଥିବା ପିଲାମାନେ ଯେତେ ଅଧିକ ସଫଳ ହେବେ, ଏ ବିଶ୍ୱାସ ଆଜିର ଜନମାନସିକତାକୁ ଆଲୋଡିତ କରିଛି। ଫଳରେ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ କ୍ରମଶଃ ଅବହେଳିତ ହୋଇପଡିଛି। ଏହା ଯେଉଁ ସରକାରୀ ସ୍କୁଲରେ ସମାପନ ହେଉଛି, ତା'ପ୍ରତି ମଧ୍ୟ ସରକାର ଯତ୍ନଶୀଳ ନୁହଁନ୍ତି। ସମାଜର ନିମ୍ନଶ୍ରେଣୀର ସୁଦୂର ମଫସଲ ଇଲାକାରେ ଓଡିଆମାଧ୍ୟମ ସ୍କୁଲମାନଙ୍କ ପ୍ରତି ସରକାରୀ ପ୍ରଶାସନର ଉଦାସୀନତା, ସେଠାକାର ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ନିଶ୍ଚିତ ଅନ୍ଧକାର ଆଡକୁ ଠେଲି ଦେଉଛି। ମାତୃଭାଷା ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥାରେ ଯେ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ପାଇଁ ଅନୁପଯୁକ୍ତ ହେବେ, ଏ ଧାରଣା ମଧ୍ୟ ସର୍ବାଂଶରେ ସତ୍ୟ ନୁହେଁ। ଜାପାନ, ଜର୍ମାନୀ, ଋଷ୍ ଆଦି ଦେଶରେ ମାତୃଭାଷା ମାଧ୍ୟମରେ ସକଳ ବିଷୟରେ ଶିକ୍ଷାଦାନ କରାଯାଇ ଥାଏ। ଏହିଦୃଷ୍ଟିରୁ ଦେଖିଲେ ସେସବୁ ରାଷ୍ଟ୍ରର ବୈଜ୍ଞାନିକ ଓ ବୈଷୟିକ ସମୃଦ୍ଧି ଆମଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ। ତେବେ ଏହା ଭାରତରେ ଓ ଓଡ଼ିଶାରେ କାହିଁକି ନ ହୋଇପାରିବ? ଏ ସମ୍ପର୍କରେ ଆଲୋଚନାଚକ୍ରମାନଙ୍କରେ ସଂଶ୍ଳିଷ୍ଟ ବିଷୟଗୁଡିକ ନିମନ୍ତେ ଓଡିଆ ଭାଷାରେ ପାରିଭାଷିକ ଶବ୍ଦର ଅଭାବଜନିତ ସମସ୍ୟାକୁ ଇଙ୍ଗିତ କରିଥା'ନ୍ତି। ତେବେ ଏହି ସମସ୍ୟା ଅଦୂରକରଣୀୟ ନୁହେଁ। ମାତ୍ର ସେଥିପାଇଁ ଯେଉଁସବୁ ଉଦ୍ୟମ ଆବଶ୍ୟକ ତାହା ସରକାରଙ୍କ ଶିକ୍ଷା ବିଭାଗ ତରଫରୁ କିମ୍ବା କୌଣସି ବେସରକାରୀ ଅନୁଷ୍ଠାନ ପକ୍ଷରୁ କରାଯାଇ ନାହିଁ। ଯଦିଓ କିଛିଟା ଉଦ୍ୟମ ହୋଇଛି, ମାତ୍ର ତାହା ଉତ୍ସାହଜନକ ନୁହେଁ। ଓଡିଶା ସରକାର ମଧ୍ୟ ଏଠାରେ କାର୍ଯ୍ୟରତ ସମସ୍ତ ଇଂରାଜୀମାଧ୍ୟମ ପବ୍ଲିକ୍ ସ୍କୁଲ ଗୁଡିକରେ ମାତୃଭାଷା ଓଡିଆରେ ଶିକ୍ଷାଦାନ ପାଇଁ ଆଇନ ପ୍ରଣୟନ କରିଛନ୍ତି। ମାତ୍ର ସଂଶ୍ଳିଷ୍ଟ ବିଦ୍ୟାଳୟଗୁଡିକ ତାହା କେତେଦୂର କାର୍ଯ୍ୟକାରୀ କରୁଛନ୍ତି ତାକୁ ତଦାରଖ କରି ଦେଖିବା କଥା। ପ୍ରଶାସନିକ ସ୍ତରରେ ବହୁବର୍ଷତଳୁ ମାତୃଭାଷାରେ ସରକାରୀ କାର୍ଯ୍ୟ କରାଯିବାର ବିଧିବଦ୍ଧ ଆଦେଶ ପ୍ରକାଶ ପାଇଥିଲେ ମଧ୍ୟ ସରକାରୀ ଦପ୍ତରମାନଙ୍କରେ ଓଡିଆ ଭାଷାର ପ୍ରଚଳନ ନ ହୋଇ ଇଂରାଜୀରେ କାର୍ଯ୍ୟ ହେଉଥିବାର ସମସ୍ତେ ଜାଣନ୍ତି। ଏଥିରେ କ'ଣ ସରକାର ଦାୟୀ? ଅନେକାଂଶରେ ଆମର କାର୍ଯ୍ୟରତ କର୍ମୀ ତଥା ବଡବାବୁମାନଙ୍କ ସଦିଚ୍ଛା ନାହିଁ କହିଲେ ଚଳେ। ଅବଶ୍ୟ ଆମ ସରକାର ଏ ଦିଗରେ ବିଶେଷ କରି ସଚିବାଳୟ ବର୍ତ୍ତମାନ ଲୋକସେବା ଭବନ ଓ ଉଚ୍ଚ ସରକାରୀ ଦପ୍ତରମାନଙ୍କରେ କିଛି ପଦକ୍ଷେପ ନେଇଛନ୍ତି, ଯାହା ଯଥେଷ୍ଟ ନୁହେଁ। ସଚିବାଳୟରେ ମଧ୍ୟ ଏହାକୁ କର୍ମଚାରୀମାନେ ନିଷ୍ଠାପର ଭାବରେ ପାଳନ କରୁନାହାଁନ୍ତି। ଅତି ଲଜ୍ଜାର କଥା, ଓଡିଆ ଭାଷା ପ୍ରତିଷ୍ଠାନର ଅନେକ ଚିଠିପତ୍ର ପ୍ରାୟ ଇଂରାଜୀରେ ଆସୁଛି। ତା'ଠୁ ଭଳି ଲଜ୍ଜାର କଥା ଆଉ କ'ଣ ହୋଇପାରେ? ଆଜକୁ କିଛିବର୍ଷ ତଳେ ସରକାର ଏ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ସ୍ୱରୂପ ବ୍ୟାପକ ଅର୍ଥ ବ୍ୟୟ କରି "ପ୍ରଶାସନିକ ଶବ୍ଦକୋଷ"ଟିଏ ପ୍ରସ୍ତୁତ କରି ବିଭିନ୍ନ ବିଭାଗକୁ ହସ୍ତାନ୍ତର କରିଥିଲେ। ମାତ୍ର ଦୁଃଖର ବିଷୟ ସେହି ଶବ୍ଦକୋଷର ପାରିଭାଷିକ ଶବ୍ଦଗୁଡିକ କେବଳ ମୁଦ୍ରିତ ପୃଷ୍ଠାରେ ମୂର୍ଚ୍ଛିତ ହୋଇ ପଡିରହିଛି। କିନ୍ତୁ ପ୍ରକୃତରେ ସରକାରଙ୍କ ପ୍ରଶାସନିକ ସ୍ତରରେ ମାତୃଭାଷା ଓଡିଆର ବ୍ୟାବହାରିକ ବିଜ୍ଞପ୍ତି ଆମ ପାଇଁ ତ୍ରିଶଙ୍କୁ ଭ୍ରମ ସୃଷ୍ଟି କରିଛି। ଯେପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକ୍ଷେତ୍ରରେ ବ୍ୟବହାର ନ କରୁଥିବା କର୍ମଚାରୀ ତଥା ପଦାଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରା ନ ଯାଇଛି ତଥା ଏହାର ଖିଲାପରେ ଦଣ୍ଡ ବ୍ୟବସ୍ଥା ନ କରାଯାଇଛି, ସେ ପର୍ଯ୍ୟନ୍ତ ଆମ ମାତୃଭାଷା ଏହିପରି ହିନସ୍ତା ହେଉଥିବ।

ପ୍ରଶାସନ ଆଜି ଦଳୀୟ ରାଜନୀତିର ଚକ୍ରବ୍ୟୂହରେ ବନ୍ଦୀ ସ୍ଥାଣୁ, ରାଜନୈତିକ ନେତାମାନଙ୍କ ବ୍ୟକ୍ତିଗତ ଓ ଦଳୀୟ ସ୍ୱାର୍ଥ ନିକଟରେ ଜାତୀୟ ସ୍ୱାର୍ଥ ଉପେକ୍ଷିତ ହୋଇଛି। ଏହିପରି ଏକ ସାଂସ୍କୃତିକ ବିପର୍ଯ୍ୟୟଗତ ବିଘଟିତ ପରିସ୍ଥିତିରେ ଓଡିଆ ଭାଷା ସାହିତ୍ୟର ସୁରକ୍ଷା ଓ ବିକାଶର ପ୍ରଶ୍ନ ଆମ ହୃଦୟକୁ ଦୁର୍ବଳ ଓ ବ୍ୟଥିତ କରି ପକାଉଛି। ବିଚ୍ଛିନ୍ନାଂଚଳମାନଙ୍କରେ ଓଡିଆ ଭାଷାଭାଷୀଙ୍କ ଦୁର୍ଦ୍ଦଶାର କଥା ମଧ୍ୟ ଶୋଚନୀୟ। ସେଠାରେ ଥିବା ଓଡିଆ ସ୍କୁଲଗୁଡିକ ପ୍ରତି ସେଠାକାର ସରକାରଙ୍କ ଉପେକ୍ଷା ସଙ୍କଟ ସୃଷ୍ଟି କରିଛି। ଏ ଦିଗରେ ଆମ ସରକାରଙ୍କ କାର୍ଯ୍ୟଧାରା ନୈରାଶ୍ୟଜନକ। ବର୍ତ୍ତମାନ ପ୍ରଶ୍ନ ଉଠେ, ସରକାରୀକଳ ଓ ରାଜନୈତିକ ନେତାମାନଙ୍କ ସାହାଯ୍ୟ ବିନା ଆମ ମାତୃଭାଷାର ସୁରକ୍ଷା ଓ ଉନ୍ନତି କ'ଣ ସମ୍ଭବପର ନୁହେଁ? ଉତ୍ତରରେ ଏ ଲେଖକ କହିବ ସମ୍ଭବପର। ମାତ୍ର ଏଥିପାଇଁ ସଂସ୍କୃତିପ୍ରେମୀ ବ୍ୟକ୍ତିବିଶେଷଙ୍କ ସାମୂହିକ ପ୍ରଚେଷ୍ଟା, ନିରନ୍ତର ସଦୁଦ୍ୟମ, ଅନ୍ତରର ସଦିଚ୍ଛା ଓ ଶକ୍ତିଶାଳୀ ସଂଗଠନର ଆବଶ୍ୟକତା ରହିଛି। ମାତ୍ର ଦୁଃଖର ବିଷୟ ଏ ରତ୍ନଗର୍ଭା ଓଡିଶା ତଥା ଭାରତର ସବୁକିଛି ଥାଇ ମଧ୍ୟ ଆମେ ନିଃସ୍ୱ। ଆଉ ଅତୀତରେ ମଧୁବାବୁ, ଗୋପବନ୍ଧୁ, ଫକୀରମୋହନଙ୍କ ପରି ତ୍ୟାଗୋଜ୍ଜ୍ୱଳ ସଂଗ୍ରାମୀ ବ୍ୟକ୍ତିତ୍ୱ ନାହାଁନ୍ତି, ଯିଏ କି ଅପସଂସ୍କୃତି ବିରୁଦ୍ଧରେ ଲଢି ଆମ ଭାଷା ସାହିତ୍ୟର ମର୍ଯ୍ୟାଦା ଓ ସୌରଭକୁ ବିକଶିତ କରିବାରେ ଏ ସମାଜର ସହାୟକ ହେବେ। ଓଡିଶାର ବିଶ୍ୱବିଦ୍ୟାଳୟଗୁଡିକର ପ୍ରଶାସନ ମଧ୍ୟ ମାତୃଭାଷା ଓଡିଆର ସୁରକ୍ଷା ପ୍ରତି ବିଶେଷ ଶ୍ରଦ୍ଧାଶୀଳ ନୁହଁନ୍ତି ବୋଲି ମୁଁ ଅନୁଭବ କରେ। ବୋଧହୁଏ ଆଜିର ଜଗତୀକରଣ ଉପଭୋଗବାଦୀ ବ୍ୟବସାୟିକ ସମାଜରେ ସେମାନେ ଭାଷା ଓ ସାହିତ୍ୟର ବିକାଶ ପାଇଁ ନେତୃତ୍ୱ ନେଇପାରୁନାହାଁନ୍ତି। ଭାରତବର୍ଷର ଅନ୍ୟାନ୍ୟ ପ୍ରଦେଶମାନଙ୍କରେ ଏପରି ଶକ୍ତିଶାଳୀ ସାରସ୍ୱତ ସଂଗଠନମାନଙ୍କର ଭୂମିକା ପ୍ରଣିଧାନଯୋଗ୍ୟ। ଠିକ୍ ସେହିପରି ଆମ ରାଜ୍ୟରେ ଆଂଚଳିକ ଭାଷାର ପ୍ରସାର ଓ ସାହିତ୍ୟର ବିକାଶ ନିମନ୍ତେ ସରକାରୀ ସାହାଯ୍ୟକୁ ଅପେକ୍ଷା ନ ରଖି ଭାଷା ଓ ସାହିତ୍ୟ ସଂଗଠନଗୁଡିକ ଅସାଧ୍ୟ ସାଧନ କରିବାର ସମୟ ଆସିଛି। ମାତ୍ର କ୍ଷୋଭର ବିଷୟ, ଆମ ଅଂଚଳରେ ଏଠାର ସାହିତ୍ୟ ସଂଗଠନ ନେତା ପ୍ରଶାସକଙ୍କ ସାହାଯ୍ୟ ବିନା ନିଜର ଅସାମର୍ଥ୍ୟ ପ୍ରକାଶ କରିଥା'ନ୍ତି। ସେଥିପାଇଁ ସାହିତ୍ୟ ସମ୍ମିଳନୀମାନଙ୍କରେ ସାହିତ୍ୟ ଓ ଭାଷାଜ୍ଞାନ ନ ଥିବା ମନ୍ତ୍ରୀ ଓ ନେତାମାନଙ୍କୁ ମୁଖ୍ୟଅତିଥି କରି ଆମନ୍ତ୍ରଣ କରିବାର ଧାରା ଅବ୍ୟାହତ ରହିଛି।

ପରିଶେଷରେ ଏ ଲେଖକ ଏତିକି ଅନୁରୋଧ କରେ, ନିଜର ମାତୃଭାଷାକୁ ଭଲପାଇବାର ଅର୍ଥ ନିଜକୁ ଭଲପାଇବା। ନିଜର ସଂସ୍କୃତି ତଥା ଭାଷାକୁ ବିଶ୍ୱଦରବାରରେ ପ୍ରତିଷ୍ଠା କରାଇବାପାଇଁ ଆଜିର ଯୁବସମାଜ ବିଦେଶୀ ମୋହରେ ଉବୁଟୁବୁ ନ ହୋଇ ସ୍ୱେଚ୍ଛାକୃତଭାବେ ଆଗେଇ ଆସିବା ଦରକାର। ଫଳରେ ସମାଜ ଏକ ଅପୂର୍ବ ଔଜ୍ଜ୍ୱଲ୍ୟରେ ସମଧିକ ବିକଶିତ ହେବ। ତେଣୁ ଆମ ଭାଷାର ଉନ୍ନତି ଆମ ସଦିଚ୍ଛା ଉପରେ ନିର୍ଭର କରେ। କବିଙ୍କ ମତରେ:-

*"ମାତୃଭୂମି ମାତୃଭାଷାର ମମତା*
*ଯା ହୃଦେ ଜନମି ନାହିଁ*
*ତାକୁ ଯଦି ଜ୍ଞାନୀ ଗଣରେ ଗଣିବା*
*ଅଜ୍ଞାନୀ ରହିବେ କାହିଁ।।"*

-ସ୍ତମ୍ଭକାର ତଥା କବି, ଖୋର୍ଦ୍ଧା, ମୋ. ନଂ-୬୩୭୦୬୭୫୫୬୨

# ଶିକ୍ଷକ ଓ ଅଧ୍ୟାପକଙ୍କ ଦୁଃଖ ଘୁଞ୍ଚିବ କେବେ ?

ହିମାଂଶୁଶେଖର ଆଚାର୍ଯ୍ୟ



ସେପ୍ଟେମ୍ବର ୫ ତାରିଖ ଥିଲା ଗୁରୁଦିବସ। ମହାନ୍ ରାଷ୍ଟ୍ରଗୁରୁ, ପ୍ରବୀଣ ଦାର୍ଶନିକ ତଥା ଆଦର୍ଶ ଜନନାୟକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ। ଦେଶ ପାଳୁଥିଲା ଗୁରୁଦିବସ, ସେହି ମହାନ୍ ରାଷ୍ଟ୍ରଗୁରୁଙ୍କ ଉଦ୍ଦେଶ୍ୟରେ। ସାରାଦେଶରେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନନ୍ଦମୁଖର ଥିଲା ଶିକ୍ଷାନୁଷ୍ଠାନ ପରିସର। ଗୁରୁପୂଜନରେ ବ୍ୟସ୍ତ ଥିଲେ ବିଦ୍ୟାର୍ଥୀମାନେ। ବିଭିନ୍ନ ମହାମହିମ ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ରାଜ୍ୟପାଳ, ମନ୍ତ୍ରୀ, ବିଧାୟକ ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ ସମସ୍ତେ ରାଧାକ୍ରିଷ୍ଣନ୍‌ଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଗୁରୁ ହିଁ ରାଷ୍ଟ୍ର ନିର୍ମାତା ଓ ଦେଶ ଭବିଷ୍ୟତ ଗଠନର ଚାବିକାଠି ସେମାନଙ୍କ ହାତରେ ବୋଲି କହିବାକୁ ପଛାଇ ନ ଥିଲେ। ଏପରିକି ରାଜ୍ୟସ୍ତରରେ ଶିକ୍ଷକମାନଙ୍କୁ ରାଜ୍ୟ ପୁରସ୍କାର ଏବଂ ଜାତୀୟସ୍ତରରେ ୪୪ ଜଣ ଶିକ୍ଷକଙ୍କୁ ରାଷ୍ଟ୍ରୀୟ ପୁରସ୍କାରରେ ସମ୍ମାନିତ କରାଯାଇଅଛି। ସେମାନଙ୍କ ମଧ୍ୟରୁ ଆମ ରାଜ୍ୟରୁ ଦୁଇଜଣ ଶିକ୍ଷକ ରାଷ୍ଟ୍ରୀୟ ପୁରସ୍କାର ପାଇଛନ୍ତି। ଏହି ଅବସରରେ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇ ରାଷ୍ଟ୍ରପତି ଶିକ୍ଷାର୍ଥୀଙ୍କୁ ଗଢ଼ିବାରେ ଶିକ୍ଷକମାନଙ୍କର ବଡ଼ ଭୂମିକା ରହିଛି ବୋଲି କହିଥିଲେ। ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବକ୍ତବ୍ୟରେ ଏକବିଂଶ ଶତାବ୍ଦୀରେ ଭାରତର ଭବିଷ୍ୟତକୁ ଶିକ୍ଷକମାନେ ପରିବର୍ତ୍ତନ କରିବେ ବୋଲି କହିଥିଲେ। ଏହି ଗୋଟିଏ ଦିନ ପରେ ସମସ୍ତେ ସବୁ କଥା ଭୁଲିଯାଆନ୍ତି। ଶିକ୍ଷକମାନଙ୍କ କଥା ଓ ବ୍ୟଥା ଭାଷଣରେ ହିଁ ରହିଯାଏ। ପୁଣି ଆରବର୍ଷକୁ ଅପେକ୍ଷା କରାଯାଏ। ଏହା ହିଁ ନିଚ୍ଛକ ସତ କଥା।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି। ମାତ୍ର ଶିକ୍ଷା ବ୍ୟବସ୍ଥାର ସେପରି କିଛି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ। ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ। ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟିର ସୁପାରିଶ ହେଉଛି ଶିକ୍ଷା ବାବଦରେ ବ୍ୟୟବରାଦ ବୃଦ୍ଧି କରିବା ପାଇଁ। ଏସବୁ କମିଶନ ଓ କମିଟିର ସୁପାରିଶ ଶୀତଳଭଣ୍ଡାରରେ ପଡିରହିଛି। ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟ୍‌ର ୧୦ ଭାଗ ଓ ରାଜ୍ୟ ବଜେଟ୍‌ର ୩୦ ଭାଗ ଶିକ୍ଷାକ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ। କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟ୍‌ର ୪ ଭାଗ ଓ ରାଜ୍ୟ ବଜେଟ୍‌ର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ। କାରଣ ଆମ ଦେଶ ତଥା ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ବ୍ୟୟକୁ ବୋଝ ବୋଲି ବିବେଚନା କରାଯାଏ, ପରିସମ୍ପତ୍ତି ନୁହେଁ। ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳଭାବରେ ପରିଲକ୍ଷିତ ହୋଇଛି। ଏହାର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହୋଇଛି।

ରାଜ୍ୟରେ ପ୍ରାଥମିକ ଶିକ୍ଷା ବିଗିଡିବାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ। ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ। ବଳକା ୧ ଲକ୍ଷ ୮ ହଜାର ୪୯୭ ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ ହଜାର ୭୩୬ ଜଣ ନିୟମିତ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଳାଇଛନ୍ତି। ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ' ଦୂରର କଥା, କେଉଁଠି ୫ଟି ଶ୍ରେଣୀକୁ ଜଣେ ଶିକ୍ଷକ ତ' ଆଉ କେଉଁଠି ୭ଟି ଶ୍ରେଣୀକୁ ଦୁଇ ବା ତିନିଜଣ ଶିକ୍ଷକରେ ସ୍କୁଲ ଚାଲିଛି। ସେହିପରି ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି। ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇପାରିନାହିଁ। 'ଓପେପା' ତରଫରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ଥିବା ମୋଟ ୫୧ ହଜାର ୦୯୪ଟି ସ୍କୁଲ ମଧ୍ୟରୁ ୧୨ ହଜାର ୩୬୪ଟି ସ୍କୁଲରେ ଶୌଚାଳୟ ନାହିଁ। ୫୦ ପ୍ରତିଶତରୁ ଅଧିକ ସ୍କୁଲରେ ବାଳକ ଓ ବାଳିକାଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ନାହିଁ। ସେହିପରି ୪୧ ହଜାର ୩୮୨ଟି ସ୍କୁଲରେ ଖେଳପଡିଆ ନଥିଲା ବେଳେ ୪୩ ହଜାର ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ନାହିଁ। ୧୨ ହଜାର ୨୦୦ ସ୍କୁଲରେ ମଧ୍ୟାହ୍ନଭୋଜନ ରାନ୍ଧିବା ପାଇଁ ରୋଷେଇଘର ନଥିଲା ବେଳେ ୧୮ ହଜାର ୫୦୦ ସ୍କୁଲରେ ପାଚେରୀ ନାହିଁ। ସବୁଠାରୁ ପରିତାପର ବିଷୟ ଯେ ୩୫୦ ସ୍କୁଲର ନିଜସ୍ୱ ଘର ନାହିଁ। ଗୋଟିଏପଟେ ଶିକ୍ଷକମାନଙ୍କର ଅଭାବ ଓ ଅନ୍ୟପଟେ ଭିତ୍ତିଭୂମିର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି। 'ପ୍ରଥମା' ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁଯାୟୀ ୫୩.୩ ପ୍ରତିଶତ ପ୍ରଥମ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀର ଗଣିତ କରିବାକୁ ସକ୍ଷମ ନୁହନ୍ତି। ସେହିପରି ୪୫.୮ ପ୍ରତିଶତ ପ୍ରଥମ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢି ପାରନ୍ତି ନାହିଁ।

ସୂଚନାଯୋଗ୍ୟ ଯେ, କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ନିମନ୍ତେ ସରକାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ, ପୁଷ୍ଟିକର ଅଣ୍ଡା, ମାଗଣାରେ ପାଠ୍ୟପୁସ୍ତକ, ପୋଷାକ ଯୋଗାଇ ଦେଉଛନ୍ତି। ବିଦ୍ୟାଳୟକୁ ସର୍ବାଙ୍ଗସୁନ୍ଦର କରିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇଦେଉଛନ୍ତି। ଏସବୁ ସତ୍ତ୍ୱେ ସର୍ବଶିକ୍ଷା ଅଭିଯାନ ଦିଗହରା ହୋଇଛି। ଏକ ତଥ୍ୟ ଅନୁସାରେ ୨୦୧୧-୧୨ ମସିହାରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରେ ଷଷ୍ଠ ଶ୍ରେଣୀରେ ୫,୫୧,୬୮୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୦୧୩-୧୪ ଶିକ୍ଷାବର୍ଷରେ ଅଷ୍ଟମ ଶ୍ରେଣୀରେ ପହଞ୍ଚିଲା ବେଳକୁ ଏହି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ୨,୯୬,୩୫୩। ଅବଶିଷ୍ଟ ଛାତ୍ରଛାତ୍ରୀ ବାଟରୁ କୁଆଡେ ଗଲେ ତା'ର ଏବେ ହିସାବ ମିଳୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହିସାବ ମିଳୁ ନ ଥିବା ୨,୫୫,୩୩୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨,୪୯,୮୬୫ ହେଉଛନ୍ତି ସରକାରୀ ବିଦ୍ୟାଳୟର। ଏବେ ପ୍ରାୟ ଫେଲ୍ ବ୍ୟବସ୍ଥା ନାହିଁ। ଏସବୁ ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଢେଇ ଲକ୍ଷ କମିବା ବ୍ୟବସ୍ଥାଗତ ତ୍ରୁଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏପରିକି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବାର ୧୧ ବର୍ଷ ପରେ ବି ଏ କ୍ଷେତ୍ରରେ ସୁଧାର ଆସି ପାରିନାହିଁ।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ଶିକ୍ଷା ବ୍ୟବସ୍ଥାରେ ଜାତିଭେଦ। ଏଠି କିଏ ଜିଲ୍ଲାପରିଷଦ ଶିକ୍ଷକ, କନିଷ୍ଠ ଶିକ୍ଷକ, ଗଣଶିକ୍ଷକ, ଶିକ୍ଷାସହାୟକ ତ' କିଏ ବ୍ଲକ୍‌ଗ୍ରାଉ୍ ଶିକ୍ଷକ। ଯଦିଓ ନିକଟରେ ବ୍ଲକଗ୍ରାଉ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି ତଥାପି ସେମାନଙ୍କୁ ପୂର୍ଣ୍ଣ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ମିଳିନାହିଁ। କାହିଁ ଅତୀତରେ ଶିକ୍ଷକମାନଙ୍କୁ ଏପରି ଭାଗ ଭାଗ କରାଯାଉ ନ ଥିଲା? ଗୋଟିଏ ବୃତ୍ତିରେ ଥାଇ ସମାନ କାମ କରି ଭିନ୍ନ ଭିନ୍ନ ବେତନ ପାଉଥିବାରୁ ଶିକ୍ଷକମାନେ ହୀନମନ୍ୟତାର ଶିକାର ହେଉଛନ୍ତି। ପରିଣାମସ୍ୱରୂପ, ବିଭିନ୍ନ ସମୟରେ ସେମାନେ ଆନ୍ଦୋଳନ କରୁଛନ୍ତି ଓ କୋର୍ଟ କଚେରୀର ଦ୍ୱାରସ୍ଥ ହେଉଛନ୍ତି ତାଙ୍କୁ ଶିକ୍ଷକ ସ୍କେଲ ଦେବାପାଇଁ। ସାମଗ୍ରିକ ଭାବେ ଏହାର ପ୍ରତିକୂଳ ପ୍ରଭାବ ଶିକ୍ଷା ବ୍ୟବସ୍ଥା ଉପରେ ପଡୁଛି। ଏବେ ପୁଣି ସରକାରୀ ସ୍କୁଲ ପରେ କେନ୍ଦ୍ରୀୟ ବିଦ୍ୟାଳୟ, ମଡେଲ ସ୍କୁଲ, ନବୋଦୟ ବିଦ୍ୟାଳୟ ଆଦି ସରକାରୀ ଭାବେ ସ୍ଥାପିତ ହୋଇଅଛି। ଏସବୁ ସତ୍ତ୍ୱେ ଛତୁ ଫୁଟିଲାପରି ବେସରକାରୀ ସ୍କୁଲ ଖୋଲୁଛି। ଚାକଚକ୍ୟ, ରଙ୍ଗରୂପ ଓ ଧନ ଆଉ ମାନରେ ବେସରକାରୀ ସ୍କୁଲଗୁଡିକ ସରକାରୀ ସ୍କୁଲଠାରୁ ବହୁ ଆଗରେ। ସମାନ ଶିକ୍ଷା ବ୍ୟବସ୍ଥା ଓ ସମାନ କାମକୁ ସମାନ ଦରମା ହିଁ ଏହି ସମସ୍ୟାର ସମାଧାନ କରିପାରିବ।

ଗୁରୁଦିବସ ଆସିଲା ଗଲା। ଚିରାଚରିତ ଭାବରେ ଶିକ୍ଷାନୁଷ୍ଠାନମାନଙ୍କରେ ଗୁରୁମାନେ ବି ପୂଜା ପାଇଲେ। କିନ୍ତୁ ସବୁ ଭିତରେ ଏବେବି ଗୁରୁମାନେ ଖୁସିରେ ନାହାଁନ୍ତି। ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ମହାବିଦ୍ୟାଳୟଠାରୁ ଆରମ୍ଭକରି ସବୁସ୍ତରରେ ଶିକ୍ଷକଙ୍କ ମନରେ ଅସନ୍ତୋଷ ରହିଛି। ସେମାନଙ୍କ ବିଭିନ୍ନ ସମସ୍ୟା ଏବେବି ଅସମାହିତ ହୋଇ ରହିଛି। ଏଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଘା ନାହିଁ। ସେଥିପାଇଁ ଅଧିକାଂଶ ସମୟରେ ଶିକ୍ଷକ ଓ ଅଧ୍ୟାପକମାନେ ଦାବି ପୂରଣ ନେଇ ରାଜରାସ୍ତାକୁ ଓହ୍ଲାଉଛନ୍ତି। ଦେଶର ଭବିଷ୍ୟତ ଗଢିବା ଦାୟିତ୍ୱ ନେଇଥିବା ଶିକ୍ଷକମାନଙ୍କ ପ୍ରତି ସରକାର ସମ୍ବେଦନଶୀଳ ହେବା ଜରୁରୀ ମନେହୁଏ।

-ଜଗତସିଂହପୁର, ମୋ- ୯୯୩୭୧୫୧୦୫୨




# କୃଷି ବିଭାଗରୁ ବିରି ବିହନ ନେଇ ଚାଷୀ ହତାଶ



ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ବଳରାମପୁର ପଂଚାୟତ ସରେଇଁ ଗ୍ରାମର ଚାଷୀମାନେ ଚଳିତ ରବିଚାଷ ପାଇଁ ସ୍ଥାନୀୟ କୃଷି ପରାମର୍ଶ କେନ୍ଦ୍ରରୁ ଗତ ଅଗଷ୍ଟ ମାସରେ ବିରି ବିହନ ନେଇ ପ୍ରାୟ ୧୫ଏକର ଜମିରେ ବିରି ଚାଷ କରିଥିଲେ । ଯାହାକି ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଫୁଲ ହୋଇ ଫଳ ଧରିବା କଥା ମାତ୍ର ସେପ୍ଟେମ୍ବର ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ଗଛରେ ଫୁଲ ଫଳ ହେବାତ ଦୂରର କଥା ଗଛ ଗୁଡିକ ବଢି ହଳଦିଆ ପଡିଗଲାଣି । ଅପରପକ୍ଷେ ଯେଉଁ ଚାଷୀ ଦେଶୀ ବିହନରେ ଚାଷ କରିଥିଲେ ସେମାନଙ୍କର ଚାଷ ଠିକ୍ ଠାକ୍ ହୋଇଥିବା ପ୍ରକାଶ କରିଛନ୍ତି । ମାତ୍ର କୃଷି ବିଭାଗରୁ ନେଇଥିବା ଚାଷୀ ଉକ୍ତ ବିହନରୁ ଫଳ ଧରୁନଥିବାରୁ ହତାଶ ହୋଇପଡିଛନ୍ତି । କୃଷି ବିଭାଗ ତରଫରୁ ତୁରନ୍ତ ଏହାର ତଦନ୍ତ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଚାଷୀ କୁଳମଣି ସାହୁ, ଗୁରୁଚରଣ ସାହୁ, କରୁଣାକର ସାହୁ, ରତ୍ନାକର ସାହୁ, କାଳନ୍ଦୀ ସାହୁ, ହୃଷିକେଶ ଖୁଣ୍ଟିଆ, ନିରନ ଖୁଣ୍ଟିଆ ପ୍ରମୁଖ ଦାବି କରିଛନ୍ତି ।

## ସମବାୟ ବ୍ୟାଙ୍କରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଘଷିପୁରା,(ପି.ଏନ):ଆନନ୍ଦପୁର କେସିସି ବ୍ୟାଙ୍କ କର୍ମଚାରୀ ସଂଘ ତରଫରୁ ଏକ ଅବସରକାଳୀନ ସଭା ଆନନ୍ଦପୁର କେସିସି ବ୍ୟାଙ୍କ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ବିଶ୍ୱଜିତ ବିଶ୍ୱାଳ, କର୍ମକର୍ତ୍ତା ଆଲୋକ ବଳ,ପ୍ରଦୀପ କୁମାର ମହାନ୍ତି,ନଳିନୀ ପଟ୍ଟନାୟକ, ସରୋଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଘଷିପୁରା ଶାଖାରୁ ଅବସର ଗ୍ରହଣ କରିଥିବା ଶାଖା ପରିଚାଳକ ନିରନ ମଲ୍ଲିକଙ୍କୁ ସଂଘ ତରଫରୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ସଭାରେ ହାଟଡିହି ଶାଖା ପରିଚାଳକ ରଶ୍ମିରଂଜନ ଜେନା, ଘଷିପୁରା ଶାଖା ପରିଚାଳକ ଜ୍ୟୋତିର୍ମୟୀ ରାଉତ, ରେଙ୍ଗୁଟିଆ ଶାଖା ପରିଚାଳକ ସଲିଳ କୁମାର ନାୟକ,ଗୟଳମୁଣ୍ଡା ଶାଖା ପରିଚାଳକ ବିଦ୍ୟାଧର ପଣ୍ଡା ପ୍ରମୁଖ ଯୋଗ ଦେଇ ଶ୍ରୀ ମଲ୍ଲିକଙ୍କ ଅବସରକାଳୀନ ସମୟ ସୁଖମୟ କାମନା କରିବା ସହ ତାଙ୍କର ଦୀର୍ଘ ୩୭ବର୍ଷ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । ସଭାରେ ଉପରୋକ୍ତ ୪ଗୋଟି ଶାଖା ବ୍ୟାଙ୍କର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଆନନ୍ଦପୁର ଶାଖା ପରିଚାଳକ ହରେକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମ୍ବାଦିକଙ୍କୁ ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା



ଘଟଗା,(ପି.ଏନ): କେନ୍ଦୁଝର ଜିଲ୍ଲାର ଜଣେ ଦୁଃସାହସୀ ତଥା ଟାଣୁଆ ଯୁବ ସାମ୍ବାଦିକ ଯୋଗେଶ ପଣ୍ଡାଙ୍କୁ ଆଜି ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଛି । ଯଦ୍ୱାରା ତାଙ୍କୁ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି । ଖବର ଅନୁଯାୟୀ ୨୪ ଘଣ୍ଟିଆ ସାଟେଲାଇଟ୍ ଓଡିଆ ନ୍ୟୁଜ୍ ଚ୍ୟାନେଲ ବଡଖବରର ପ୍ରଥମ ବାର୍ଷିକ ଉତ୍ସବ ଭୁବନେଶ୍ୱର ସ୍ଥିତ ସ୍ୱସ୍ତୀ ପ୍ରିମିୟମ ହୋଟେଲରେ ଅନୁଷ୍ଠିତ ହୋଇଥିଲା । ବଡ ଖବରର ଏହି ପ୍ରଥମ ସ୍ୱନକ୍ଷତ୍ର ଦିବସରେ କେନ୍ଦୁଝର ଜିଲ୍ଲାର ଅନନ୍ୟ ଦୁଃସାହସୀ, ନିରପେକ୍ଷ ସାମ୍ବାଦିକ ଏବଂ ବଡଖବର ଚ୍ୟାନେଲର କେନ୍ଦୁଝର ଜିଲ୍ଲାର ସ୍ୱତନ୍ତ୍ର ପ୍ରତିନିଧି ଭାବେ କାର୍ଯ୍ୟରତ ଥିବା ଯୋଗେଶ ପଣ୍ଡାଙ୍କୁ ବଡଖବର ଚ୍ୟାନେଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଯିଏକି ସଦାସର୍ବଦା ସମାଜର ସକଳ ଦୋଷ ଦୁର୍ବଳତାକୁ ଲୋକଲୋଚନକୁ ଆଣିବା ସହିତ ସମାଜର ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ନିରନ୍ତର ଅଗ୍ନିପଥରେ ପାଦ ଦେଇ ସମ୍ବାଦ ସଂଗ୍ରହ, ପରିବେଷଣ, ଜନମତ ସୃଷ୍ଟିରେ ସେ ରଚନାତ୍ମକ ଭୂମିକା ନିର୍ବାହ କରି ଆସୁଛନ୍ତି । ବିଗତ ଦିନରେ ସେ ଘଟଗାଁ ଅଂଚଳ ପ୍ରତି ତାଙ୍କର ନିରପେକ୍ଷ ସାମ୍ବାଦିକତା ପାଇଁ ସେ ସାରା ଜିଲ୍ଲାରେ ବେଶ୍ ଜଣାଶୁଣା । ସେ କେବେ କୌଣସି ଅନ୍ୟାୟ ପଥେ ମୁଣ୍ଡ ନୁଆଁଇ ନାହାଁନ୍ତି, ସବୁବେଳେ ଅନ୍ୟାୟକୁ ବିରୋଧ କରି ଲୋକମାନଙ୍କ ହକ୍ ପାଇଁ ସାମ୍ବାଦିକତା କରିଥାନ୍ତି । ତାଙ୍କର ନିରପେକ୍ଷ ସାମ୍ବାଦିକତା ପାଇଁ ଆଜି ସେ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛନ୍ତି । ବଡଖବରର ପ୍ରଥମ ସ୍ୱନକ୍ଷତ୍ର ବାର୍ଷିକ ଉତ୍ସବରେ ସମ୍ମାନୀତ ହୋଇଥିବାରୁ ଜିଲ୍ଲା ତଥା ରାଜ୍ୟରୁ ଶୁଭେଚ୍ଛାର ସୁଅ ଛୁଟୁଛି । ଏହି ସ୍ୱନକ୍ଷତ୍ର ଉତ୍ସବରେ ଅତିଥି ଭାବେ ରାଜ୍ୟପାଳ ମହାମହିମ ଗଣେଷି ଲାଲ, ବରିଷ୍ଠ ସ୍ତମ୍ଭ ଲେଖକ ତଥା ସାମ୍ବାଦିକ, ପଲିଟିକ୍ସ ଆନାଲିଷ୍ଟ ରସିଦ ଖିଡୱାଇ, ସମ୍ବାଦ ପେପର ଏଡିଟର ସୌମ୍ୟ ରନ ପଟ୍ଟନାୟକ, ପୂର୍ବତନ ୟୁନିଅନ ମିନିଷ୍ଟର ଶ୍ରୀକାନ୍ତ ଜେନା, ପୂର୍ବତନ ଚିଫ୍ ସେକ୍ରେଟାରୀ ସହଦେବ ସାହୁ, ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡା, ଆଡ୍‌ଭୋକେଟ୍ ଜନ୍ମେଜୟ ରାଏ, ଜଟଣି ବିଧାୟକ ସୁରେଶ କୁମାର ରାଉତରାୟ, କାବୁ ଦାସ ପ୍ରମୁଖ ଯୋଗ ଦେଇଥିଲେ । ବଡଖବର ଚ୍ୟାନେଲର ପ୍ରଥମ ସ୍ୱନକ୍ଷତ୍ର କାର୍ଯ୍ୟକ୍ରମରେ ଚ୍ୟାନେଲ ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ସମ୍ପୂର୍ଣ୍ଣ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ବଡଖବର ଚ୍ୟାନେଲର କର୍ମକର୍ତ୍ତା ଏବଂ ସମସ୍ତ ଜିଲ୍ଲାପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥଲେ ।

# ସାଇକେଲ୍‌ଗିରି ଅଭିଯାନରେ ଯୋଗଦେଲା ଭୁବନେଶ୍ୱର ନର୍ଥ ଜୋନ ଅଟୋ ଆସୋସିଏସନ




ଭୁବନେଶ୍ୱର(ପିଏନ): ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ସାଇକେଲ ଚଳାଳିଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଶୁକ୍ରବାରକୁ ସାଇକେଲଗିରି ଦିବସରୁପେ ପାଳନ କରାଯାଉଛି । ଆଜି ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଟିଆ ଅଟୋ ଆସୋସିଏସନ୍‌ର ପ୍ରାୟ ୭୦ରୁ ଉର୍ଦ୍ଧ କର୍ମକର୍ତାମାନେ ଯୋଗଦେଇଛନ୍ତି । ଯେଉଁଥିରେ ଭୁବନେଶ୍ୱର ନର୍ଥ ଜୋନ ଯେପରିକି, ଶୈଳଶ୍ରୀ ବିହାର, ଡ଼ମଣା, ଚନ୍ଦ୍ରଶେଖରପୁର, ରେଲୱେ କଲୋନୀ ଇତ୍ୟାଦିର ଅଟୋ ଡ୍ରାଇଭରମାନେ ଅଂଶଗ୍ରହଣ କରିଥିଲେ । ସେମାନଙ୍କୁ ସାଇକେଲ ଚାଳକଙ୍କୁ ସମ୍ମାନ ଶୀର୍ଷକ ଲିଫଲେଟ ତଥା ପୋଷ୍ଟରମାନ ବିତରଣ କରାଯାଇଥିଲା, ଯାହାକୁକି ସେମାନେ ନିଜ ନିଜ ଅଟୋର ମିରର ନିକଟରେ ଲଗାଇଛନ୍ତି । ଉକ୍ତ ପୋଷ୍ଟର ସେମାନଙ୍କୁ ନିତିଦିନ ସାଇକେଲ ଚାଳକଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ମନେପକାଇବା ଉଦ୍ଦେଶ୍ୟରେ ଲଗାଯାଇଥିଲା । ଅଟୋ ଡ୍ରାଇଭରମାନେ ମଧ୍ୟ ରାସ୍ତାରେ ସାଇକେଲ ଚାଳକଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ସପଥ ନେଇଥିଲେ । ମୁଖ୍ୟ ଅତିଥିରୁପେ ଉକ୍ତ କାର୍ଯ୍ୟକ୍ରମକୁ ଜୋନାଲ ଡ଼େପୁଟି କମିଶନର, ଶ୍ରୀଯୁକ୍ତ ପ୍ରମୋଦ ପୃଷ୍ଟି ଉଦଘାଟନ କରିଥିଲେ । ସାଇକେଲ ଚଳାଇବାକୁ ଏହି ନିତିଦିନିଆ ଯୋଗାଯୋଗ ମାଧ୍ୟମଭାବେ ସମସ୍ତେ ଅଭ୍ୟାସ କରିବାକୁ ଏହି ଅଭିଯାନ ପ୍ରୋତ୍ସାହିତ କରିବ । ସ୍ମାର୍ଟସିଟି ଭୁବେନେଶ୍ୱରରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟର ସ୍ମାର୍ଟ ସିଟି ମିଶନରେ ଅନୁବଂଧିତହୋଇ ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଶୁକ୍ରବାର ଆୟୋଜନ କରାଯାଉଛି । ଏହାକୁ ଏକ ଅଭିଯାନ ଭାବେ ନିଆଯାଇଛି ଏବଂ ଆଜି ଭୁବନେଶ୍ୱରର ନର୍ଥ ଜୋନ୍ ଅଟୋ ଡ୍ରାଇଭରଙ୍କ ସହମିଶି ସାଇକେଲ ଚଳାଳିଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଉଦ୍ୟମ କରାଯାଇଛି । ଆଜିରଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତେ ସାଇକେଲଗିରି ଆନ୍ଥମ ମଧ୍ୟ ଗାଇଥିଲେ । ଏହାକୁ ଗତ ଶୁକ୍ରବାରଦିନ ପୁର୍ନବାର ଶିଶୁ ଭବନ ଠାରୁ ଧଉଳି ପର୍ଯ୍ୟନ୍ତ ୧୨ କି.ମି ଯାତ୍ରାକୁ ଦିନ ୬ ଘଟିକା ୩୦ ମିନିଟ ସମୟରେ ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କରାଇ ସହରରେ ନାଗରିକମାନଙ୍କ ମନରେ ସାଇକେଲକୁ, ସାଇକେଲ ଚଳାଇବାକୁ ଏବଂ ସାଇକେଲ ଚଳାଳିଙ୍କୁ ଭଲପାଇବା ଓ ସମ୍ମାନ ଦେବାର ସୁଅଭ୍ୟାସଚାଲୁରଖିବାକୁ ଅନୁରୋଧ କରାଯାଇଛି ଏବଂ ଏହା ଦ୍ୱାରା ଆଗାମୀ ଦିନରେ ନିଜ ସହରକୁ ସ୍ୱଚ୍ଛ ସବୁଜ କରାଯାଇପାରିବ । ଆଗ୍ରହୀ ନାଗରିକମାନେ ଏଥିପାଇଁ ଆଗେଇ ଆସିବା ସହିତ ଅନ୍ୟ ଆଗ୍ରହୀ ନାଗରିକଙ୍କୁ ଏହି କାର୍ଯ୍ୟକ୍ରମ ବାବଦରେ ଜଣାଇବା ଏବଂ ଭାଗ ନେବାରେ ଉତ୍ସାହ ସୃଷ୍ଟି କରିବାକୁ ଏହି ଅଭିଯାନ ଅନୁପ୍ରାଣିତ କରିଛି । କାର୍ଯ୍ୟକ୍ରମର ବାର୍ତାକୁ ନିଜ ଗୋଷ୍ଠୀ ଏବଂ ସାଥିଙ୍କୁ ଜଣାଇବାକୁ ଅନୁରୋଧ କରଯାଇଛି ।

# କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ କୃଷି ଆଇନର ପ୍ରତ୍ୟାହାର ଦାବୀରେ କିଷାନ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ



ଭୁବନେଶ୍ୱର, (ପିଏନ)- କେନ୍ଦ୍ର ବିଜେପି ସରକାର ଚାଷୀମାନଙ୍କ ସହିତ କୌଣସି ବିଚାର ବିମର୍ଷ ନକରି ଯେଉଁ ତିନୋଟି କୃଷି ଆଇନ୍ ପ୍ରଣୟନ କରିଛନ୍ତି ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଚାଷୀ ବିରୋଧୀ ବୋଲି କୁହାଯାଇଛି । ଏହି ବିଲ୍ ତିନୋଟିର କାର୍ଯ୍ୟକାରୀ ହେଲେ ରାଜ୍ୟର ୮୨ ପ୍ରତିଶତ ଚାଷୀ ବହୁଳ ଭାବରେ କ୍ଷତିଗ୍ରସ୍ତ ହେବେ । ଭାଗଚାଷୀ କୌଣସି ସୁଫଳ ପାଇବେ ନାହିଁ । ଫଳରେ ଭବିଷ୍ୟତରେ ଚାଷୀ ଓ ଚାଷ କ୍ଷେତ୍ରରେ ଏକ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟିହେବ । ଏହାଦ୍ୱାରା କେବଳ ଘରୋଇ କମ୍ପାନୀମାନେ ଚାଷୀଙ୍କୁ ଶୋଷଣ କରି ବିପୁଳ ଲାଭବାନ ହେବେ । ତେଣୁ ସମଗ୍ର ଦେଶରେ ଏହା ବିରୁଦ୍ଧରେ ବ୍ୟାପକ ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ ଏହାକୁ ରାଜ୍ୟରେ ଅଧିକ ଶାଣିତ କରିବା ପାଇଁ ପିସିସି କିଷାନ କଂଗ୍ରେସର ବହୁ ଗୁରୁଦାୟିତ୍ୱ ରହିଛି ବୋଲି ଓଡ଼ିଶା ପ୍ରଭାରୀ ତଥା ସି.ଡ଼ବ୍ଲୁ.ସି ସଦସ୍ୟ ସାଂସଦ ଡଃ. ଏ ଚେଲ୍ଲାକୁମାର ତାଙ୍କର ଗତ ୬ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକାଳରେ କିଷାନ କଂଗ୍ରେସ କର୍ମକର୍ତ୍ତାମାନଙ୍କ ସ୍ୱତନ୍ତ୍ର ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଚାଷୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟର ସମସ୍ତ ବ୍ଲକସ୍ତରରୁ ଚାଷୀ ସ୍ୱାକ୍ଷର ଅଭିଯାନକୁ ବ୍ୟାପକ କରିବା ସହ ପ୍ରତି ଜିଲ୍ଲା ଓ ବ୍ଲକସ୍ତରରେ କଳା କୃଷିବିଲ୍ ସଂକ୍ରାନ୍ତୀୟ କର୍ମଶାଳା ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି । ଏଥିରେ ବିଭିନ୍ନ କୃଷକ ସଂଗଠନର ପ୍ରତିନିଧି, କୃଷିବିତ୍, କିଷାନ କଂଗ୍ରେସ କର୍ମକର୍ତ୍ତା, ବୁଦ୍ଧିଜୀବି ଓ କୃଷକ ଭାଇମାନଙ୍କୁ ଅଧିକରୁ ଅଧିକ ସାମିଲ କରାଯାଇ ସରକାରଙ୍କ ଏହି ଚାଷୀମାରଣ ନୀତି ବିରୁଦ୍ଧରେ ପ୍ରତି ଗାଁ ଓ ପଞ୍ଚାୟତସ୍ତରରୁ ସଚେତନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସାଂସଦ ସପ୍ତଗିରୀ ଉଲାକା ମଧ୍ୟ ଉପସ୍ଥିତ ରହି କିଷାନ କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ସକ୍ରିୟ କରିବା ସହ ଚାଷୀଙ୍କ ହକ୍ ପାଇଁ କିଷାନ କଂଗ୍ରେସ ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟିର କର୍ମକର୍ତ୍ତା ଓ ଜିଲ୍ଲା କିଷାନ କଂଗ୍ରେସ ଅଧକ୍ଷବୃନ୍ଦ ଉପସ୍ଥିତ ରହି ଦଳୀୟ ସଂଗଠନ ଓ ସେମାନଙ୍କ ଜିଲ୍ଲାରେ ଉପୁଜୁଥିବା ଚାଷୀ ସମସ୍ୟା ସମ୍ପର୍କରେ ଡଃ. ଚେଲ୍ଲାକୁମାରଙ୍କୁ ଅବଗତ କରାଇଥିଲେ । କେନ୍ଦ୍ର ସରକାର ସର୍ବପ୍ରଥମେ ଏମ୍.ଏସ୍.ସ୍ୱାମୀନାଥନ୍ ଜାତୀୟ କୃଷକ କମିଶନ-୨୦୦୬ ସୁପାରିଷ ଅନୁଯାୟୀ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ମୋଟ ଉତ୍ପାଦନ ଖର୍ଚ୍ଚର) ଦେଢଗୁଣା ବୃଦ୍ଧି କରିବା ସହ ଦେଶରେ ଋଣଭାରରେ ଥିବା ସମସ୍ତ ଚାଷୀଙ୍କଠାରୁ ତୁରନ୍ତ କୃଷିଋଣ ଛାଡ଼ କରିବା ଓ ୧୯୫୫ ମସିହାର ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ, କଣ୍ଟ୍ରାକ୍ଟ ଫାର୍ମିଂ ବା ଚୁକ୍ତିନାମା ଚାଷ ଆଇନ ଓ ପ୍ରାଇଭେଟ ମଣ୍ଡି ଆଇନକୁ ରଦ୍ କରିବା ପାଇଁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଉଥିବା ଅଧକ୍ଷ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ




ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ (ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସିଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ୍ୟ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।

# ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜୀ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍‌ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ । ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା ।

# ଚଳିତ ପାର୍ବଣ ଋତୁରେ ଭାରତ ସହିତ ଇଣ୍ଡିଆକୁ ଯୋଡିଛି ଇକମର୍ସ

ଭୁବନେଶ୍ୱର : ଚଳିତ ପାର୍ବଣ ଋତୁରେ ଫ୍ଲିପ୍‌କାର୍ଟ ଗ୍ରାହକଙ୍କ ପାଇଁ ମୂଲ୍ୟ ଏବଂ ସେଲର୍, ଏମ୍‌ଏସ୍‌ଏମ୍‌ଇ ଓ କାରିଗରମାନଙ୍କ ପାଇଁ ପ୍ରଗତି ଓ ଅଭିବୃଦ୍ଧିକୁ ପରିଚାଳନା କରିବା ନେଇ ନିଜର ପ୍ରତିଶ୍ରୁତି ଉପରେ ଧ୍ୟାନ କେନ୍ଦ୍ରିତ କରିଛି । ବିଗ୍ ବିଲିୟନ ଡେଜ୍ ସେଲ୍‌ର ପ୍ରଥମ ଦିନରେ ଭାରତ କିଭଳି ଦ୍ରୁତ ଗତିରେ ଡିଜିଟାଇଜେଶନକୁ ଗ୍ରହଣ କରୁଛି ତାହାକୁ ଦର୍ଶାଉଥିବା କିଛି ପ୍ରାରମ୍ଭିକ ସୂଚକ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଇଛି । ବିଭିନ୍ନ ବର୍ଗରେ ଟିୟର ୩ ସହରଗୁଡିକରୁ ୫୦% ନୂତନ ଗ୍ରାହକ ଆସିଛନ୍ତି । ହୋମ୍ କ୍ୟାଟାଗୋରୀ ନୂତନ ଗ୍ରାହକଙ୍କ କ୍ଷେତ୍ରରେ ୫୩% ବୃଦ୍ଧି ଦେଖିବାକୁ ପାଇଥିବା ବେଳେ ବୃହତ୍ ଆପ୍ଲାଏନ୍ସେସ୍ ଓ ବିଜିଏମ୍ (ବିୟୁଟି ଆଣ୍ଡ ଜେନେରାଲ ମର୍ଚ୍ଚାଣ୍ଡାଇଜ୍) କ୍ଷେତ୍ରରେ ନୂତନ ଗ୍ରାହକଙ୍କ ସଂଖ୍ୟାରେ ପ୍ରତ୍ୟେକ ପାଖାପାଖି ୫୦% ବୃଦ୍ଧି ଦେଖିଛନ୍ତି ଏବଂ ଏସମସ୍ତ ଗ୍ରାହକ ଟିୟର ୩ ସହରର ଅଟନ୍ତି । ଏମ୍‌ଏସ୍‌ଏମ୍‌ଇଗୁଡିକ ଚଳିତ ପାର୍ବଣ ଋତୁରେ ଟିୟର ୨ ସହର ଓ ଏହା ବାହାରର ସେଲର୍‌ଙ୍କ ସହିତ ପୁଣିଥରେ ବିକାଶପଥକୁ ଫେରିଛନ୍ତି ଏବଂ ଇକମର୍ସରେ ଅଭିବୃଦ୍ଧି ହାସଲ କରିଛନ୍ତି । ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇଗୁଡିକ ଦେଶବ୍ୟାପୀ ୨୫,୫୦୦ରୁ ଅଧିକ ପିନ୍‌କୋଡ୍‌ରୁ ଚାହିଦା ଆସୁଥିବାର ଲକ୍ଷ୍ୟ କରିଛନ୍ତି । ଚଳିତ ବିବିଡିରେ ୧୬୭ଟି ନୂତନ ସହରର ସେଲର୍ ଇକମର୍ସରେ ଯୋଗ ଦେଇଛନ୍ତି । ୬୦% ସେଲର୍ ତାଳଚେର, ଭେଲୁର, ସୋହାଗପୁର, ସିନ୍ଧି ଆଦି ଛୋଟ ସହରଗୁଡିକ ସମେତ ଟିୟର ୨ ସହର ଓ ଏହା ବାହାରେ ବାସ କରୁଛନ୍ତି । ଶୀର୍ଷ ପ୍ରଦର୍ଶନ କରୁଥିବା ଟିୟର ୨ ସେଲର୍ ସହରଗୁଡିକ ମଧ୍ୟରେ ଜୟପୁର, ସୁରଟ ଓ ପାନିପତ୍‌ର ସେଲର ସାମିଲ ଅଛନ୍ତି । ପ୍ରିପେଡ୍ ଟ୍ରାଞ୍ଜାକ୍ସନ କ୍ଷେତ୍ରରେ ୭୫% ବୃଦ୍ଧି ସହିତ ଡିଜିଟାଲ ଇଣ୍ଡିଆ ପ୍ରତି ଏକ ଉଲ୍ଲେଖନୀୟ ପରିବର୍ତନ ହୋଇଛି, ଯାହାକି ଡିଜିଟାଲ ପେମେଂଟ୍ ପାଇଁ ଏକ ଶକ୍ତିଶାଳୀ ଅନୁମୋଦନକୁ ଦର୍ଶାଉଛି । କାରଣ ଉପଭୋକ୍ତାମାନେ କ୍ରୟ ସମୟରେ ସାମାଜିକ ଦୂରତା ବଜାୟ ରଖିବା ଜାରି ରଖିଛନ୍ତି । ପାର୍ବଣ ଉତ୍ସାହକୁ ବଜାୟ ରଖିବା ଲାଗି ଇଏମ୍‌ଆଇ ବିକଳ୍ପଗୁଡିକ ଏକ ଭଲ ଟ୍ରିଗର୍ ଭାବେ କାର୍ଯ୍ୟ କରିଛି ।




# ବିଶ୍ୱକର୍ମା ବିନ୍ଧାଣୀ ସମାଜର ବାର୍ଷିକ ସମ୍ମିଳନୀ



କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଡିମ୍ବୋ ଗ୍ରାମରେ ଆଜି ବିଶ୍ୱକର୍ମା ବିନ୍ଧାଣୀ ସମାଜର ବାର୍ଷିକ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଶତାଧିକ ବିନ୍ଧାଣି, ବିନ୍ଦାଣି, ମହାରଣା ସମାଜର ସଭ୍ୟମାନେ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ଗଦାଧର ମହାରଣା ଭଗବାନ ବିଶ୍ୱକର୍ମାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଦୀପ ପ୍ରଜ୍ୱଳନ କରିଥିଲେ । ନେତ୍ରାନନ୍ଦ ମହାରଣା ସଭାପତି କାର୍ଯ୍ୟ ତୁଲାଇ ଥିଲେ । ମୁଖ୍ୟଅତିଥି ଭାବେ ରାଜ୍ୟ ବିଶ୍ୱକର୍ମୀ ମହାସଘ ସଂଗଠନ ସମାଜର ରାଜ୍ୟ ସଭାପତି ଗୌତ୍ତମ ମହାରଣା ଉପସ୍ଥିତ ରହି ବିନ୍ଧାଣି, ବିନ୍ଦାଣି, ମହାରଣା ଜାତିକୁ ଏସ୍.ଇ.ବିସି. (ପଛୁଆବର୍ଗ)ରେ ସ୍ଥାନିତ କରିବାକୁ ଆଲୋଚନା କରି ଓବିସି କମିଶନରଙ୍କୁ ଆବେଦନ କରିବାକୁ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ରାଜ୍ୟ ସାଧାରଣ ସମ୍ପାଦକ ହାଡିବନ୍ଧୁ ମହାରଣା, ଖୋର୍ଦ୍ଧା ଜିଲ୍ଲା ସଂଗଠନର କୋଷାଧ୍ୟକ୍ଷ ନାରାୟଣ ମହାରଣା, କେନ୍ଦୁଝର ଯୁବ ସଭାପତି ରୋହିତ କୁମାର ଓଝା ଏବଂ ଜୟପ୍ରକାଶ ମହାରଣା ବିନ୍ଧାଣି ଜାତିର ଐତିହାସିକ ତଥ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ସ୍ୱାଧୀନ ଭାରତରେ ମଣ୍ଡଳ କମିଶନ ସୁପାରିଶ ସମୟରେ ବିନ୍ଧାଣି, ବିନ୍ଦାଣି ଓ ମହାରଣା ଜାତିକୁ ସଂରକ୍ଷଣ ସୁବିଧା ଦିଆଯାଇ ନାହିଁ, ଫଳରେ ଶିକ୍ଷା, ରାଜନୀତି, ସାମାଜିକ,ସାଂସ୍କୃତିକ ଇତ୍ୟାଦି କ୍ଷେତ୍ରରେ ବିନ୍ଧାଣି ସମାଜ ପଛରେ ପଡିଛି । ଏ ଜାତିକୁ ସଂରକ୍ଷଣ କ୍ଷେତ୍ରରେ ସାମିଲ କରିବାକୁ ନିଷ୍ପତ୍ତି କରାଯାଇଥିଲା । ଆଗାମୀ ଦିନରେ ଏ ନେଇ ସରକାର କିପରି ଏମାନଙ୍କୁ ସାହାଯ୍ୟ କରିବେ ସେ ନେଇ ସରକାରଙ୍କ ନିକଟରେ ଦାବି ଜଣାଇବେ ବୋଲି ନିଷ୍ପତ୍ତି ହୋଇଥିଲା । ଆଜିର ଏହି ସମ୍ମିଳନୀରେ ଦାମୋଦର ମହାରଣା, ଲଳିତା ମହାରଣା, ପ୍ରଥମ କୁମାର ମହାରଣା, ସରୋଜ କୁମାର ମହାରଣା, ପର୍ଶୁରାମ ମହାରଣା, ମିଶ୍ରଜିତ ମହାରଣା, କୁଳମଣି ମହାରଣା, ଅମିତା ମହାରଣା, ସୁବାଷ ଚନ୍ଦ୍ର ମହାରଣା, ଚିତ୍ତରନ ମହାରଣା ପ୍ରମୁଖ ସଭା ପରିଚାଳନା କରିଥିଲେ

## ଚାରଣ ଗୋଷ୍ଠୀ ଓଡ଼ିଶା ପକ୍ଷରୁ ଆଧ୍ୟାତ୍ମିକ ସମ୍ମେଳନ

ଚଣ୍ଡିଖୋଲ ,(ପିଏନ) ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କଥା, ଭାଗବତକୁ ରାଜ୍ୟର ପ୍ରତିକୋଣରେ ପ୍ରଶାର କରିବା ପାଇଁ ଚାରଣ ଗୋଷ୍ଠୀ ଓଡ଼ିଶା ପକ୍ଷରୁ ଆଜି ଏକ ଆଧ୍ୟାତ୍ମିକ ସମ୍ମେଳନ ଚଣ୍ଡିଖୋଲ ଛକ ସନ୍ନିକଟ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଜୀଉ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଧ୍ୟାତ୍ମିକ ସମ୍ମିଳନୀରେ ଚାରଣ ଡ଼ଃ ଗୋପାଳ ଚନ୍ଦ୍ର ବାରିକ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଚାରଣ ଗୋଷ୍ଠୀ ଓଡ଼ିଶାର ଅଧ୍ୟକ୍ଷ ଚାରଣ ଉଦୟନାଥ ସାହୁ, ପତ୍ରିକାର ସମ୍ପାଦକ ପ୍ରଫୁଲ୍ଲ ମିଶ୍ର, ଡ଼ଃ ମିହୀର ପଟ୍ଟନାୟକ, ସେବକ ଅଭୟ ଦାସ, ଭାଗୀରଥି ପାଣିଗ୍ରାହୀ, କୁଞ୍ଜବିହାରୀ ରାୟ, ପ୍ରଦୀପ୍ତ କିଶୋର ରାଉତ, ମକର ରଣା, ଅକ୍ଷୟ କୁମାର ସାହୁ, ସାଧନାର ସ୍ୱରୂପର ସମ୍ପାଦକ ଦେବବ୍ରତ ଦେବତା, ପ୍ରଭାକର ସାହୁ, ଦିଲ୍ଲୀପ କୁମାର ସାହୁ, ଅଲେଖ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ସେନାପତି, ବିଚିତ୍ରାନନ୍ଦ ରାୟ, ଭାଗବତ କବି, ବିପୀନ ପଣ୍ଡା, ନାରାୟଣ ସାହୁ, କଳମଣୀ ନାୟକ, ଶିବ ପ୍ରସାଦ ବାରିକ, ବଟକୃଷ୍ଣ ବେହେରା, ଅକ୍ଷୟ କୁମାର ରାଉତ, କେଶବ ବିଶ୍ୱାଳ, ସଙ୍କର ମହାନ୍ତି, ଦୁର୍ଯ୍ୟୋଧନ ବେହେରା, ବିରକିଶୋର ସାହୁ, ମଦନ ମୋହନ ସାହୁ, ଶରତ ଚନ୍ଦ୍ର ରାଉତ, କୃପାସିନ୍ଧୁ ବାରିକ, ଗୁରୁଚରଣ ରାଉତ, ଅମୂଲ୍ୟ କୁମାର ଧଳ, ପ୍ରଶନ୍ନ କୁମାର ସାହୁ, ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଭଗବାନ ଶିବ ଓ ପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରାଯାଇ ଶ୍ରୀ ବିଷ୍ଣୁ ସହସ୍ରନାମ ପଠନ କରାଯାଇଥିଲା । ଚାରଣ ଗୋଷ୍ଠୀ ପକ୍ଷରୁ ସାରାବିଶ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କଥା ଗୀତା, ଭାଗବତ ଓ ବିଷ୍ଣୁ ସହସ୍ରନାମ ପ୍ରସାର କରାଯାଇ ବିଦେଶୀ ଲୋକଙ୍କୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ କରାଯାଇଅଛି । ଆମର ବଡ଼ଠାକୁର ବଡ଼ଦେଉଳରେ ଅଛନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥ । ତାଙ୍କର ଅପାର କରୁଣାରୁ ଆଜି ଚାରଣର ୧୯ଟି ଶାଖା ମାଧ୍ୟମରେ ଗ୍ରାମାଂଚଳରେ ଭାଗବତ ପଠନ ସହିତ ଗୀତା ଓ ବିଷ୍ଣୁ ସହସ୍ର ନାମ ଲୋକଙ୍କ ପାଖରେ ପହଂଚା ଯାଇ ପାରିଛି । ପ୍ରଭୁଙ୍କ ପ୍ରସାନ ପାଇଁ ଏଠାରେ ଏକ ପତ୍ରିକା ଉନ୍ମୋଚନ କରାଯାଇଥିଲା । ସମସ୍ତେ ଚାରଣ ଗୋଷ୍ଠୀର ଭାଇ ଓ ଭଉଣୀମାନେ ନିଜକୁ ପ୍ରଭୁଙ୍କ ସେବକ ଭାବେ ପରିଚୟ ଦେଇ ସାମାଜିକ କାର୍ଯ୍ୟରେ ଯୋଗଦେଇ ସମସ୍ତଙ୍କୁ ସେବା କରିବା ସହିତ ଭଲପାଇବା ଏବଂ ନିଜର ପିତାମାତାଙ୍କ ସେବା କରିପାରିଲେ ଆମେ ସମସ୍ତେ ଭଗବାନଙ୍କ ସାନିଧ ଲାଭ କରିପାରିବା ବୋଲି ଚାରଣ ଭାଇମାନେ ମତବ୍ୟକ୍ତ କରିଥିଲେ ।

## ବନଜ୍ୟୋତି ସାହିତ୍ୟ ପତ୍ରିକା ଉନ୍ମୋଚନ

ଚଣ୍ଡିଖୋଲ,(ପିଏନ): ବନଜ୍ୟୋତି ସାହିତ୍ୟ ପତ୍ରିକା ସାରଦୀୟ ବିଶେଷାଙ୍କକୁ ଆଜି ଚଣ୍ଡିଖୋଲ ପ୍ରେସ୍‌କ୍ଲବ କାର୍ଯ୍ୟାଳୟରେ ଉନ୍ମୋଚନ କରାଯାଇଛି । ଚଣ୍ଡିଖୋଲ ପ୍ରେସ କ୍ଲବର ସଭାପତି ତଥା କଳିଙ୍ଗପ୍ରଭା ସମ୍ପାଦକ ପ୍ରଦୀପ୍ତ କୁମାର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ବନଜ୍ୟୋତି ସାହିତ୍ୟ ପତ୍ରିକାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ଉନ୍ମୋଚିତ କାର୍ଯ୍ୟକ୍ରମରେ ବନଜ୍ୟୋତିର ସମ୍ପାଦକ ଆଇନଜୀବୀ ବୃନ୍ଦାବନ କର, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ୍‌ର ସଭାପତି ଆଇନଜୀବୀ ଦେବରାଜ ବେହେରା, ପ୍ରେସକ୍ଲବର ସମ୍ପାଦକ ଦୀଲ୍ଲିପ କୁମାର ମହାନ୍ତି, ସାମ୍ବାଦିକ ଶିବରାମ ସାହୁ, ମୋହନ ଖିଲାର, ପ୍ରତାପ ଗୋଚ୍ଛାୟତ ପ୍ରମୁଖ ଯୋଗ ଦେଇଥିଲେ । ବନଜ୍ୟୋତି ସାହିତ୍ୟ ପତ୍ରିକା ଦୀର୍ଘ ୪୧ ବର୍ଷ ଧରି ପ୍ରକାଶିତ ହେଉଅଛି ।

## କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାର ଙ୍କର ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ ଓ ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ପରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଆର ଡିଏ, ଓ ଏଲ ଏମ, ଅର ଏସ ଇ ଟିଆଇ , ଓ ଏନଜିଓ ମାନଙ୍କ ଦ୍ୱାରା କେଉଁ ପରିମାଣରେ ପ୍ରୋତ୍ସାହନ ଦିଆ ଯାଇଛି, ତାହା ମଧ ଅଲୋଚନା କରାଯାଇଥିଲା । ଏଥି ସହିତ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କିଭଳି ଋଣ ପ୍ରଦାନ କରିବ ସେ ବିଷୟରେ ବିଶେଷକରି ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଏଲଡି ଏମ ଏମ କେ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜି ମହାନ୍ତି, ଜିଲ୍ଲା ନାବାର୍ଡ ଅଧିକାରୀ ଅକ୍ଷୟ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ସନ୍ତୋଷ କୁମାର ମିଶ୍ର ଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉସ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧ୍ୟକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

## ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

## ଆନନ୍ଦପୁର ଅବକାରୀ ବିଭାଗର ଚଢାଉ

ଆନନ୍ଦପୁର,(ପି.ଏନ): କେନ୍ଦୁଝର ଅବକାରୀ ଅଧିକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଅବକାରୀ ନିରୀକ୍ଷକ ପ୍ରଫୁଲ ମହାନ୍ତି, ଆନନ୍ଦପୁର ଅବକାରୀ ବିଭାଗର ଓଆଇସି ନରେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ସୀବ ସେଠୀ, ନିବେଦିତା ମାଝୀ, ସୁଶାନ୍ତ କୁମାର ରାଉତ, ପ୍ରଶାନ୍ତ କୁମାର ପରିଡା, ପ୍ରଫୁଲ କୁମାର ମହାନ୍ତ ପ୍ରମୁଖ ଆନନ୍ଦପୁର ଓ ଘଷିପୁରା ଥାନା ଅନ୍ତର୍ଗତ କଣ୍ଟିପାଳ, କାଠକଟା ଏବଂ କୁମୁଡା ଠାରେ ଥିବା ବେଆଇନ୍ ମଦ କାରଖାରା ଉପରେ ଚଢାଉ କରି ୬୨୦କିଲୋ ମହୁଲପୋଚ ଓ ୬୫ଲିଟର ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛନ୍ତି ।

## ବେଲବାହାଳି ଡ୍ରାଇଭର ସଂଘ ପକ୍ଷରୁ ମହାଦେବଙ୍କ ନିକଟରେ ମହିଳା ମାନଙ୍କ ଦୀପଦାନ

ବେଲବାହାଳି,(ପି.ଏନ):ଓଡିଶା ଡ୍ରାଇଭର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ଦାବିପତ୍ର ପ୍ରଦାନ ନିମନ୍ତେ ସମଗ୍ର ରାଜ୍ୟରେ ଡ୍ରାଇଭରମାନେ ପଦଯାତ୍ରା କରି ଯାଉଥିବାରୁ ଆଜି ଆନନ୍ଦପୁର ଅଂଚଳର ବେଲବାହାଳି ଡ୍ରାଇଭର ସଂଘ ପକ୍ଷରୁ ଡ୍ରାଇଭର ମାନଙ୍କର ଶତାଧିକ ମହିଳାମାନେ ଏକତ୍ରିତ ହୋଇ ଗ୍ରାମର ମହାଦେବଙ୍କ ମନ୍ଦିରରେ ଡ୍ରାଇଭର ମାନଙ୍କ ସୁରକ୍ଷା ଓ ଶୁଭକାମନା ନିମନ୍ତେ ମନ୍ଦିରର ପୂଜକ ଉଗ୍ରେସନ ପଣ୍ଡା ସନ୍ଧ୍ୟା ଆଳତୀ କରିବା ସମୟରେ ଦୀପ ଜାଳି ଭଗବାନଙ୍କୁ ପ୍ରାର୍ଥନା କରିଥିଲେ । ଏହା ସହ ସରକାର ବିଭିନ୍ନ ସଂଘର ଦାବି ପୂରଣ କରୁଥିବା ବେଳେ ଡ୍ରାଇଭର ଭାଇମାନେ ନିଜ ଜୀବନକୁ ବାଜି ରଖି ଆମ୍ବୁଲାନ୍ସ ଠାରୁ ଆରମ୍ଭ କରି ପରିବା ଗାଡି ଏବଂ ସମସ୍ତଙ୍କୁ ନିରାପଦରେ ନିଜ ନିଜ କାର୍ଯ୍ୟସ୍ଥଳକୁ ସୁରକ୍ଷିତ ଭାବେ ପହଞ୍ଚାଇବା ସହ ବିଭିନ୍ନ ଖାଦ୍ୟ ଓ ମାଲବୁହା ଗାଡି ଚଳାଇ ସମସ୍ତଙ୍କ ପାଇଁ ସେବା ଯୋଗାଉଥିବା ବେଳେ ଏମାନଙ୍କ ପାଇଁ ସରକାର କୌଣସି ପ୍ରକାର ସହାୟତା ଘୋଷଣା କରିନାହାଁନ୍ତି । ଏଥିପାଇଁ ସମଗ୍ର ରାଜ୍ୟର ଡ୍ରାଇଭରମାନେ ପଦଯାତ୍ରା କରି ନବୀନ ନିବାସ ଯାଏଁ ଆସି ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ପ୍ରକାର ଦାବିପତ୍ର ପ୍ରଦାନ କରିବେ । ଏଥିପାଇଁ ଆଜି ବେଲବାହାଳି ଠାରେ ମହିଳାମାନେ ଦୀପ ଜାଳିଥିବା ପ୍ରକାଶ କରିଛନ୍ତି । ଏଥିରେ ବେଲବାହାଳି ଡ୍ରାଇଭର ସଂଘର ସମସ୍ତ ସଦସ୍ୟ ତଥା ରବୀନ୍ଦ୍ର ସାହୁ, ରନ ସାହୁ, ସୁବାଷ ସାହୁ, ରାଜେନ୍ଦ୍ର ସାହୁ, ମହେଶ୍ୱର ସାହୁ, ସନ୍ତୋଷ ନାହାକ, ସୁଦର ସାହୁ, ସୁଆ ଦାସଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିବା ସହ ସମସ୍ତ ଡ୍ରାଇଭର ଭାଇ ମାନଙ୍କ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ଛାତ୍ର ବିଜେଡିର ରକ୍ତଦାନ ଶିବିର



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଛାତ୍ର ବିଜେଡି ପକ୍ଷରୁ ଜାରକା ସିଭିକ୍ ସେ□ରରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତଙ୍କ ତ□ାବଧାନରେ ପରିଚାଳିତ ଶିବିରକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ୧୪ନମ୍ବର ଜୋନ୍ ସଂଯୋଜକ ମଦନମୋହନ ନାୟକ, ଅମରେନ୍ଦ୍ର ରାୟ, ପ୍ରହ୍ଲାଦ ଲେଙ୍କା, ବିକ୍ରମ ବିଶ୍ୱାଳ, ବଟକୃଷ୍ଣ ରାଉତ, ପ୍ରସନ୍ନ କୁମାର ରାଉତ, ନିର୍ମଳ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ଜାରକା ସମିତିସଭ୍ୟ ସୁଦାମ ଚରଣ ବେହେରା, ସୁଦୀପ୍ତ ସ୍ୱାଇଁ, ବିଶ୍ୱବନ୍ଦନା ଜେନା, ଅନିଶା ପ୍ରିୟଦର୍ଶିନୀ ପ୍ରଧାନ, ମାନସ ମହାନ୍ତି ଓ ଯୁବନେତା ପ୍ରତାପ କୁମାର ପ୍ରଧାନ ଅତିଥିଭାବେ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରରୁ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ବହୁ ଛାତ୍ରନେତା ଓ ଦଳୀୟ କର୍ମୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଫାଷ୍ଟଫୁଡ୍ ଦୋକାନରୁ ବିଦେଶୀ ମଦ ଜବତ କଲା ପୋଲିସ

ତୁରୁମୁଙ୍ଗା,(ପି.ଏନ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀ ବଜାର ଉପରେ ତୁରୁମୁଙ୍ଗା ପୋଲିସ୍ ଚଢାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହିତ ବେଆଇନ୍ ଭାବେ ମଦ ବିକ୍ରୀ କରୁଥିବା ଫାଷ୍ଟଫୁଡ୍ ଦୋକାନୀ ନିତ୍ୟାନନ୍ଦ ମଣ୍ଡଳକୁ ଅଟକ ରଖିବା ପରେ ୪୧ସିଆରପିସିରେ ଛାଡି ଦେଇଥିବା ଥାନା ଅଧିକାରୀ ବୈଦ୍ୟନାଥ ସାହୁ ସୂଚନା ଦେଇଛନ୍ତି । ପୂର୍ବରୁ ଉକ୍ତ ଅଂଚଳରେ ବେଆଇନ୍ ଭାବେ ମଦ ବିକ୍ରୀ ହେଉଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ରବିବାର ସନ୍ଧ୍ୟାରେ ଥାନା ଅଧିକାରୀ ବୈଦ୍ୟନାଥ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ସୁଜାତା ମହାନ୍ତ ଏବଂ ସୁନ୍ଦରମଣି ନାଏକ ପ୍ରମୁଖ ଚଢାଉ କରି ୧୧ଟା ବିୟର ବୋତଲ ସହିତ ୨୧ଟି ନିବ୍ ବୋତଲ ଜବତ କରିଥିଲେ । ଏ ନେଇ ତୁରୁମୁଙ୍ଗା ଥାନାରେ ୧୧୪/୨୧ରେ ଏକ ମାମଲା ରୁଜୁ ହୋଇଛି ।

## ସ୍ୱଚ୍ଛତ୍ୱରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ

ଧର୍ମଶାଳା, (ପିଏନ୍): ଜାରକା ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସ୍ୱଚ୍ଛତ୍ୱରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । କୁମାରୀ ଭଜନ କେନ୍ଦ୍ର ପକ୍ଷରୁ ବାଲବିକାଶ ପିଲାମାନଙ୍କ ଦ୍ୱାରା ନିକଟସ୍ଥ ଧର୍ମଶାଳା ମହିଳା ମହାବିଦ୍ୟାଳୟଠାରୁ କୁମାରୀ ଠାକୁରଘର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥବା ଅଳିହା ଆବର୍ଜନାକୁ ସଫେଇ କରାଯାଇଥିଲା । ଆବାହକ ଭଜନାନନ୍ଦ ସାମଲ, ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ଭଜନ କେନ୍ଦ୍ରର ଶିକ୍ଷା ସଂଯୋଜିକା ଅରୁନ୍ଧତୀ ସାହୁ, ଶୁଭମ୍ ଦାସ, ସେବା ସଂଯୋଜକ ଅର୍ଜୁନ ଚରଣ ରାଉତ, ସୁବାସ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ବେହେରା, ସାଇ ପ୍ରସାଦ ସାହୁ, ସୌରଭ କୁମାର ଜେନା, ଗଗନ ବିହାରୀ ଦ□, ରଂଜନ କୁମାର ସାହୁ, ବଟକୃଷ୍ଣ ମଲିକ ଓ ବିକ୍ରମ କେଶରୀ ମହାନ୍ତିଙ୍କ ସମେତ ସମିତିର ଭାଇଭଉଣୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada






# ଏଆଇସି - ନାଳନ୍ଦା ପକ୍ଷରୁ ଷ୍ଟାର୍ଟଅପ୍ ଲଂଚପ୍ୟାଡ୍ ଏୟୁୟୁଏମ୍ ପ୍ଲାଟଫର୍ମ ପାଇଁ ଏସଡବ୍ଲୁଏଏସଏନଇଆର ପିପିଇର ଶୁଭାରମ୍ଭ




ଭୁବନେଶ୍ୱର,(ପି.ଏନ): ଅଟଳ ଇନକ୍ୟୁବେସନ ସେଂଟର - ନାଳନ୍ଦା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି ଫାଉଣ୍ଡେସନ ଭାରତ ସରକାରଙ୍କ ନୀତି ଆୟୋଗ ଏଆଇଏମ ଦ୍ୱାରା ସହାୟତାପ୍ରାପ୍ତ ଏବଂ ଷ୍ଟାର୍ଟ ଅପ୍ ଓଡ଼ିଶା ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହାର ଷ୍ଟାର୍ଟପ୍ ଲଂଚପ୍ୟାଡ୍ ସିରିଜର ତୃତୀୟ ଚାପ୍ଟରକୁ ୨୫ ଅକ୍ଟୋବର ୨୦୨୧ ସୋମବାର ଦିନ ଭୁବନେଶ୍ୱରସ୍ଥିତ ହୋଟେଲ୍ ଏମ୍ପାୟାର ଠାରେ ପରିଚାଳନା କରିଥିଲା। ସଂପ୍ରତି ଏଆଇସି ନାଳନ୍ଦା, ଭୁବନେଶ୍ୱର ଠାରେ ଏହାର ଅତ୍ୟାଧୁନିକ ଇନକ୍ୟୁବେଟର ଭିତିକ ୩୫ ଟି ଷ୍ଟାର୍ଟଅପ୍ ଇନକ୍ୟୁବେଟ କରୁଛି। ଷ୍ଟାର୍ଟ ଅପ୍ ଲଂଚ ପ୍ୟାଡ୍ ହେଉଛି ଏକ ଏଆଇସି ନାଳନ୍ଦାର ପଦକ୍ଷେପ ଯାହା ଉତ୍ପାଦ ଅବା ସେବା ସମ୍ବନ୍ଧିତ ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଗ୍ରାହକ ବଜାର ପାଇଁ ଅଭିନବ ପଦ୍ଧତି ବିଷୟରେ ସହାୟତା କରିବ। ଏହି ପ୍ଲାଟଫର୍ମ ବ୍ୟାପକ ଭାବରେ ଷ୍ଟାର୍ଟଅପ୍ ଜରିଆରେ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ସହିତ ୟୁଜର କମ୍ୟୁନିଟି ମିଡିଆ ଓ ପବ୍ଲିକ ଫୋରମ୍ ପାଇଁ ଏକ ପ୍ଲାଟଫର୍ମ ଯୋଗାଇବ। ଏହି ଶୁଭାରମ୍ଭରେ ଏହାର ଇନକ୍ୟୁବେଟର ଉତ୍ପାଦ, ଏୟୁୟୁଏମ୍ ପ୍ଲାଟଫର୍ମ ଏକ ଷ୍ଟାର୍ଟଅପ୍ କୁ ପ୍ରସ୍ତୁତ କରାଯାଇଥିଲା ଓ ନୂତନ ପ୍ରଯୁକ୍ତିଗତ ଜ୍ଞାନକୌଶଳ ବିଷୟକୁ ନେଇ ଏହାର କାର୍ଯ୍ୟକାରୀତା ପାଇଁ ପ୍ରସ୍ତାବ ରଖାଯାଇଥିଲା। ନୂତନ ପୀଢ଼ିର ପିପିଇ - ଏସଡବ୍ଲୁଏଏସଏନଇଆର ହେଉଛି ଏକ ପରିବେଶ ଉପଯୋଗୀ, ମୂଲ୍ୟ ଉପଯୋଗୀ ସ୍ୱଦେଶୀ ନିର୍ମିତ ପିପିଇ ଯାହା କେବଳ ଉଲ୍ଲେଖନୀୟ ଦକ୍ଷତା ସମ୍ପନ୍ନ ନୁହେଁ ଅନ୍ୟପକ୍ଷରେ ଭବିଷ୍ୟତ ପାଇଁ ଏହା ସ୍ଥାୟୀ ଭାବରେ କାର୍ଯ୍ୟକାରୀ ହୋଇପାରିବ। ଏୟୁୟୁଏମ୍ ପ୍ଲାଟଫର୍ମର ପ୍ରତିଷ୍ଠାତା ଓ ସିଇଓ ସାଇ ସମ୍ବିତ ନାୟକ ଉଲ୍ଲେଖ କରିଥିଲେ ଯେ ଏୟୁୟୁଏମ୍ ପ୍ଲାଟଫର୍ମର ମୌଳିକ କାର୍ଯ୍ୟକାରୀତା ପ୍ରଣାଳୀ କେବଳ ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ନୁହେଁ ଅନ୍ୟ ପକ୍ଷରେ ଏହା ଉତ୍ପାଦର ଗୁଣବତା ଓ ମୂଲ୍ୟ ବିଷୟକୁ ନେଇ ଉଦ୍ଦିଷ୍ଟ ହେବ। ଶ୍ରୀ ସୁବାସ ସିଂହ, ସାଂସଦ, ଶ୍ରୀ ରାଧାଶ୍ୟାମ ମହାପାତ୍ର, ନିର୍ଦ୍ଦେଶକ ନାଲ୍‌କୋ ଓ ଶ୍ରୀ ରଶ୍ମି ରଂଜନ ସାହୁ ବରିଷ୍ଠ ମିଶନ ସହଯୋଗୀ ଷ୍ଟାର୍ଟଅପ୍ ଓଡ଼ିଶା, ସମ୍ମାନୀତ ଅତିଥି ଭାବେ ଏହି ଉତ୍ସବରେ ଯୋଗଦେଇଥିଲେ। ଶ୍ରୀ ସୁବାସ ସିଂହ ଟିମ୍‌ର ପଦକ୍ଷେପକୁ ଅଭିନନ୍ଦନ ଜଣାଇବା ସହିତ ସମାଜର ବିଭିନ୍ନ ଉଦ୍ୟୋଗରେ ଏହାର ଅବଦାନକୁ ପ୍ରଶଂସା କରିଥିଲେ। ପୋଷ୍ଟ କୋଭିଡ୍ ୱାର୍ଲଡ଼ ପାଇଁ ଏହି ପିପିଇ ଏକ ମୂଲ୍ୟବାନ ପଦକ୍ଷେପ ରୂପେ କାର୍ଯ୍ୟ କରିବ ଓ ରାଷ୍ଟ୍ରୀୟ ତଥା ଅନ୍ତଃରାଷ୍ଟ୍ରୀୟ ବଜାରରେ ଆଦୃତି ଲାଭ କରିବ ବୋଲି ଶ୍ରୀ ରାଧାଶ୍ୟାମ ମହାପାତ୍ର କହିଥିଲେ। ଶ୍ରୀ ରଶ୍ମି ରଂଜନ ସାହୁ ମଧ୍ୟ ଏହି ଉତ୍ପାଦର ଉପଯୋଗିତା ସମ୍ବନ୍ଧରେ ମତପ୍ରକାଶ କରିଥିଲେ ଓ ଏଆଇସି-ନାଳନ୍ଦାର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ଷ୍ଟାର୍ଟଅପ୍ ଲଂଚ ପ୍ୟାଡର ଶୁଭାରମ୍ଭରେ ଏୟୁୟୁଏମ୍ ପ୍ଲାଟଫର୍ମର ଟିମ୍ ସହିତ ଏଆଇସି, ନାଳନ୍ଦାର ଟିମ୍ ଏହି କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଶାବାଦୀ ଅଛନ୍ତି। ଭବିଷ୍ୟତ ପାଇଁ ଏହି କାର୍ଯ୍ୟକ୍ରମ ଯଥେଷ୍ଟ ସହାୟକ ହୋଇପାରିବ ବୋଲି ସମସ୍ତେ ଆଶା କରିଥିଲେ।

## ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ରଥ ପରିକ୍ରମା

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଆଜି ପୂର୍ବାହ୍ନରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ଦକ୍ଷତା ରଥ ପରିକ୍ରମା କାର୍ଯ୍ୟ ଶୁଭାରମ୍ଭ ହୋଇଛି ।ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ ଦକ୍ଷତା ରଥ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ଦୁଇଟି ଦକ୍ଷତା ରଥ ଜିଲ୍ଲାର ୧୦ ଗୋଟି ବ୍ଲକର ୧୯୦ ଟି ଗ୍ରାମ ପଂଚାୟତରେ ପହଂଚି ଲୋକମାନଙ୍କୁ ସଚେତନତା ସୃଷ୍ଟି କରିବା ସହ ୧୫ରୁ ୩୫ ବର୍ଷ ମଧ୍ୟରେ ବେକାର ଯୁବକ ଯୁବତୀ ମାନଙ୍କୁ ୫୦ରୁ ଅଧିକ ବିଭାଗରେ ୨୫୦ ପର୍ଯ୍ୟନ୍ତ ଧନ୍ଦାକୁ ଚାହିଦା ମୁତାବକ ଦକ୍ଷତା ବିକାଶ ତାଲିମ ଦିଆଯାଇ ନିଯୁକ୍ତି ସୃଷ୍ଟି କରି ରୋଜଗାରକ୍ଷମ କରିବା ଏହାର ପ୍ରଧାନ ଲକ୍ଷ୍ୟ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ ।ଏହି ଦକ୍ଷତା ବିକାଶ ବୃଦ୍ଧି ପାଇଁ ମାଗଣା ଖାଇବା ରହିବା ସହ ଟ୍ରେନିଂ ନେଇଥିବା ଯୋଗ୍ୟ ପ୍ରାର୍ଥୀଙ୍କୁ ସାର୍ଟିଫିକେଟ ଦେଇ ନିଯୁକ୍ତିର ବନ୍ଦୋବସ୍ତ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରାଉତରାୟ କହିଥିଲେ ।ଏହି ଦକ୍ଷତାରଥ ପରିକ୍ରମା କାର୍ଯ୍ୟକ୍ରମରେ ଓରମାସର ଉପମୁଖ୍ୟ ନିର୍ବାହୀ ଗୁଣ୍ଠିଚା ବେହେରାଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ ।

## ଓଏସଓୟୁର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ




ଖୋର୍ଦ୍ଧା,(ପିଏନ): କୋଭିଡ ୧୯ ର ନିତୀ ନିୟମକୁ ପାଳନ କରି ଭୁବନେଶ୍ୱର ନିକଟସ୍ଥ ଓଡିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଧଉଳି ଗାର୍ଡେନ ପରିସରରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ବିଭାଗ ୨୦୧୯/୨୧ର ଛାତ୍ର ଆଲୋକେଶ ରାୟଙ୍କ ସଭାପତିତ୍ୱରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଅଧ୍ୟାପକ ଡଃ ନଳିନୀ କୁମାର ପାତ୍ର ଓ ବିଭୁଦତ ମହାପାତ୍ର ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ନିଜର ସୁପ୍ତ ପ୍ରତିଭା ନୃତ୍ୟ ଓ ସଂଗୀତର ଆୟୋଜନ କରି ଏକ ପ୍ରତିଯୋଗିତା କରାଯାଇ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ବିଭୁ ପ୍ରସାଦ ବାରିକ,ଅନଙ୍ଗଦେବ ସିଂ, ପ୍ରଦୀପ୍ତ ମିଶ୍ର ଓ ମାନସ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

## ମୂଲ୍ୟବାନ ସରକାରୀ ଜମି ଜବର ଦଖଲ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବୋଦାପଳସା ଗ୍ରାମ ପଂଚାୟତରେ ଅନେକ ଗୁଡିଏ ସରକାରୀ ଜମି ରହିଛି । ସେଥି ମଧ୍ୟରୁ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ପ୍ଲଟ୍ ନଂ-୮୨୧ ସରକାରୀ ଜମିକୁ କିଛି ବର୍ଷ ହେବ ବୋଦାପଳସା ଗ୍ରାମର କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଜୋର ଜବରଦସ୍ତ କବ୍‌ଜା କରି ବ୍ୟକ୍ତିଗତ ଭାବେ ବ୍ୟବସାୟ କରି ଆସୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଯେଉଁ ଜମି ସ୍ଥାନୀୟ ଜନସାଧାରଣଙ୍କ ଉପକାରରେ ଆସୁଥିଲା ଏବଂ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଖେଳକୁଦ କରୁଥିଲେ । ସେହି ଜମି ଉପରେ ଗ୍ରାମର କିଛି ବ୍ୟକ୍ତି ଘର ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଆଉ କିଛି ବ୍ୟକ୍ତି ମଧ୍ୟ ଗୃହ ନିର୍ମାଣ କରି ବିକ୍ରୀ ଏବଂ ଭଡା ଆକାରରେ ଦେଇ ମାଲେମାଲ୍ ହେଉଛନ୍ତି । ଯାହା ଫଳରେ ଜନସାଧାରଣଙ୍କ ଯାତାୟତ ଏବଂ ଛାତ୍ରଛାତ୍ରୀ ମାନଙ୍କ ଖେଳକୁଦରେ ଘୋର ଅସୁବିଧା ସୃଷ୍ଟି କରୁଛି । ସରକାରୀ ନିୟମ ଅନୁସାରେ ବିଦ୍ୟାଳୟ ନିକଟରେ କୌଣସି ଆପତ୍ତିଜନକ ସାମଗ୍ରୀ ବ୍ୟବସାୟ କରିବା ନିଷେଧ ଥିଲେ ମଧ୍ୟ ସେମାନ ଖୋଲାଖୋଲି ଭାବେ ବ୍ୟବସାୟ କରୁଛନ୍ତି । ଏହାଦ୍ୱାରା ସିଧାସଳଖ ଭାବେ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କ ଉପରେ ଏହାର କୁପ୍ରଭାବ ପଡୁଛି । ଦିନ ଆସିବ ନିକଟ ଭବିଷ୍ୟତରେ ପାଦ ପକାଇବାକୁ ଜାଗା ନଥିବ ଏବଂ ଶ୍ମଶାନକୁ ଶବ ନେବା ପାଇଁ ଜାଗା ନଥିବ । ସରକାରୀ ଜମିକୁ ଏପରି ଭାବେ ଜବତ ଦଖଲ କରିବା ଫଳରେ ଗ୍ରାମବାସୀଙ୍କ ମନରେ ଶକ୍ତ ଭାବେ କୁଠାର ଘାତ କରିଛି । ଏହାର ଯଥାଶୀଘ୍ର ସ୍ଥାୟୀ ସମାଧାନ କରାନଗଲେ ଆଗାମୀ ଦିନରେ ଜଟିଳ ପରିସ୍ଥିତି ସୃଷ୍ଟି ହେବା ସହିତ ବାଧ ହୋଇ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଆନନ୍ଦପୁର ମହାବିଦ୍ୟାଳୟର ହିରକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଆନନ୍ଦପୁର,(ପି.ଏନ): କେନ୍ଦୁଝର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଓ ପୁରାତନ ଆନନ୍ଦପୁର ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ଆଜି କଲେଜ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଥମ ପ୍ରସ୍ତୁତି ବୈଠକରେ କଲେଜର ପୂର୍ବତନ ଛାତ୍ର ତଥା ପୂର୍ବତନ କଲେଜ ଅଧକ୍ଷ ରମାକାନ୍ତ ନାୟକଙ୍କୁ ଆବାହକ ରୂପେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା । ଆଗାମୀ ନଭେମ୍ବର ୧୪ତାରିଖ ଦିନ ୧୦ଟା ସମୟରେ କଲେଜର ଦ୍ୱିତୀୟ ବୈଠକ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ଅଧିକରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବଂ ଉକ୍ତ ବୈଠକରେ କଲେଜର ଅଧକ୍ଷ ଦିଲ୍ଲୀପ କୁମାର ଦାଶ, ପୂର୍ବତନ କଲେଜ ଅଧକ୍ଷ ରମାକାନ୍ତ ନାୟକ, ମହେଶ୍ୱର ସାହୁ, ପଞ୍ଚାନନ ରାଉତ, ନିରାକାର ଦଳେଇ, ସନ୍ତୋଷ ରାଉତ, ଲଲାଟେନ୍ଦୁ ଧୀର, ଅନୀଲ କୁମାର ସାହୁ, ରାମଚନ୍ଦ୍ର ସୁର, ଅନନ୍ତ ଚରଣ ମହାନ୍ତି, ଦୀପକ କୁମାର ଜେନା, ରଘୁଦିପ୍ତୀ ନାୟକ, ସନ୍ୟାସୀ ପାତ୍ର, କୀର୍ତ୍ତନ ବିହାରୀ ସାହୁ ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ ।

## ଛାତ୍ରଙ୍କ ମୃତ୍ୟୁରେ ବୀମା ସହାୟତା ରାଶି ପ୍ରଦାନ

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ଜିଲ୍ଲା ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଗତବର୍ଷ +୩ ତୃତୀୟ ବର୍ଷର ଛାତ୍ର ଦୀପକ କୁମାର ମହାପାତ୍ର ସର୍ପାଘାତରେ ମୃତ୍ୟୁବରଣ କରିଥିଲେ । ଏ ନେଇ ଆଜି ଅପରାହ୍ନରେ କଲେଜର ସମ୍ମିଳନୀ କକ୍ଷରେ ଦୁର୍ଘଟଣା ଜନିତ ବୀମା ସହାୟତା ରାଶି ପ୍ରଦାନ ସମ୍ପର୍କିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭୁବନେଶ୍ୱର ନିଉ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀର ମଣ୍ଡଳ (୧)ର ବରିଷ୍ଠ ପ୍ରବନ୍ଧକ କ୍ଷୀରୋଦ କୁମାର ବେହେରା ବିଶେଷ ଅତିଥି ଭାବେ ଯୋଗ ଦେଇ ଏହି ଦୁର୍ଘଟଣା ଜନିତ ଛାତ୍ର ସୁରକ୍ଷା ବୀମା ସହାୟତା ରାଶିକୁ ମୃତକଙ୍କ ପିତା ମାଣିକାଗୋଡା ଗ୍ରାମର ଜନାର୍ଦ୍ଦନ ମହାପାତ୍ରଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ।ଏହି ସହାୟତା ରାଶି ସାମାଜିକ ସୁରକ୍ଷାର ଏକ ବଳିଷ୍ଠ ସାଧନ ହୋଇଥିବାରୁ ଏ ସମ୍ବନ୍ଧୀୟ ଦୁର୍ଘଟଣା ଜନିତ ଘଟଣାକୁ ସଠିକ ଢଙ୍ଗରେ କମ୍ପାନୀ ନିକଟରେ ଉପସ୍ଥାପନ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ସଫେଇ କର୍ମଚାରୀଙ୍କ ଥାନା ଘେରାଉ

ବାଲେଶ୍ୱର, (ପି.ଏନ):ବିନା କାରଣରେ ବାଲେଶ୍ୱର ପୌରପାଳିକା ପରିମଳ ଅଧିକାରୀଙ୍କ ଦ୍ୱାରା ଆକ୍ରୋଷର ଶିକାର ହୋଇଥିବା ମହିଳା ସଫେଇ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମହିଳାମାନେ ସହଦେବଖୁଣ୍ଟା ଥାନା ଘେରାଉ କରିଥିଲେ। ଅଭିଯୋଗ ଅନୁଯାୟୀ ପୌରପାଳିକା ଠିକା ସଫେଇ କର୍ମଚାରୀ ଭାବେ ଭାସ୍କରଗଞ୍ଜ ଅଞ୍ଚଳର ସ୍ୱର୍ଗତ ଶମ୍ଭୁ ନାୟକଙ୍କ ପତ୍ନୀ କୁଶୁମ ନାୟକ ରାସ୍ତା ସଫେଇ କରୁଥିବା ବେଳେ ପରିମଳ ଅଧିକାରୀ ବିପ୍ଳବ କେଶରୀ ଦାସ ତାଙ୍କୁ ନାନା ପ୍ରକାର ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ସହ ଅଭିଯୁକ୍ତ ଅଧିକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୁଶୁମ ନାୟକ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ବ୍ରାଉନ ସୁଗାର ଜବତ,ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ରମ୍ଭାବିଲ ଗ୍ରାମର ଟାଙ୍ଗିସାହି ବାହାଡା ଛକ ନିକଟରେ ଥିବା ଏକ ପାନ ଦୋକାନ ପଛପଟରେ ଦିଲୀପ ମଙ୍ଗରାଜ ନାମକ ଜଣେ ଯୁବକ ବ୍ରାଉନ ସୁଗାର ବ୍ୟବସାୟ କରୁଥିଲେ । ଏ ନେଇ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀ ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶରେ ଏସଡିପିଓ ସୁଶୀଲ କୁମାର ମିଶ୍ରଙ୍କ ତତ୍ୱାବଧାନରେ ଜଙ୍କିଆ ଥାନା ପୋଲିସ ଅତର୍କିତ ଭାବରେ ଚଢାଉ କରି ୧୨ ଗ୍ରାମ ଯାହାର ଆନୁମାନିକ ମୂଲ୍ୟ ଏକ ଲକ୍ଷରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି । ତତ ସହିତ ଅଭିଯୁକ୍ତ ଠାରୁ ୯ ଶହ ଟଙ୍କା ଜବତ କରି କୋର୍ଟ ଚାଲାଣ କରାଯାଇଛି ।



## ଜୟଦେବ ଗାଁ ସାଥି ମିଳିତ କ୍ରିୟାନୁଷ୍ଠାନ ସଂଘର ସମସ୍ୟା ନେଇ ବୈଠକ



ବାଲିପାଟଣା(ପି.ଏନ): ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନ ମଣ୍ଡଳୀର ଉଭୟ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ୩୩ଟି ଗ୍ରାମ ପଂଚାୟତର କାର୍ଯ୍ୟରତ ଗାଁସାଥିମାନଙ୍କୁ ଗଠିତ ଜୟଦେବ ଗାଁ ସାଥି ମିଳିତ କ୍ରିୟାନୁଷ୍ଠାନ କମିଟ ପକ୍ଷରୁ ରବିବାର ଦିନ ବାଲିପାଟଣା ବ୍ଲକର ପମ୍ପାଲୋ ଗ୍ରାମ ପଂଚାୟତର ଚଣାହାଟ ଗ୍ରାମର ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସଂଘର ସଭାପତି ବିଜୟ କୁମାର ଭୋଇ ସଭାପତିତ୍ୱ କରିଥିବା ବେଳେ ସଂଘର ସମ୍ପାଦକ ଦୀନବନ୍ଧୁ ଭୋଇ କାର୍ଯ୍ୟରତ ଗାଁସାଥିମାନଙ୍କର ସମସ୍ୟା ସମ୍ପର୍କରେ ଉପସ୍ଥାପନ କରାଇଥିଲେ । ବାଲିପାଟଣା ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତରେ କାର୍ଯ୍ୟରତ ଗାଁସାଥିମାନେ ଦୀର୍ଘଦିନ ହେବ କାର୍ଯ୍ୟ କରିନଥିବା ନେଇ ମତ ଦେବା । ଗ୍ରାମ ରୋଜଗାର ସହାୟକମାନେ ହଇରାଣ ହରକତ କରିବା ସହ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗାଁସାଥିଙ୍କ ପରିବର୍ତେ ନିଜ ନିଜର ଭାବ ପିରତୀ ଥିବା ବ୍ୟକ୍ତି ବିଶେଷଙ୍କ ନାମରେ କାର୍ଯ୍ୟରେ ନିୟୋଜିତ କରି ଅର୍ଥ ହଡପ ହୋଉଥିବା ନେଇ ଅଭିଯୋଗ କରିଛନ୍ତି। ଗାଁସାଥିମାନେ ଏକ ୧୫ ଜଣିଆ କମିଟି ଗଠନ କରି ଉଭୟ ବ୍ଲକରେ ଘଟୁଥିବା ସମସ୍ୟାକୁ ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସଂଘ ପକ୍ଷରୁ ନିଷ୍ପତି ଗ୍ରହଣ କରାଗଲା । ଆଗାମୀ ଦିନରେ ସମଗ୍ର ଜୟଦେବ ନିର୍ବାଚନ ମଣ୍ଡଳୀର ଗାଁସାଥିମାନଙ୍କୁ ନେଇ ଏକ ବିଶାଳ ସମାବେଶ ବିଧାୟକ ଡଃ ଅରବିନ୍ଦ ଢାଲୀ,ଉଭୟ ବ୍ଲକର ବିଡିଓ ଓ ଖୋର୍ଦ୍ଧା ପିଡିଙ୍କୁ ନେଇ ସମାବେଶ କରାଯିବା ପାଇଁ ସଂଘ ପକ୍ଷରୁ ସ୍ଥିର କରାଯାଇଛି । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଧଡ୍ଡୁ ସେଠୀ, ବେଣୁଧର ପରିଡା, ବିଦ୍ୟାଭୂଷଣ ଭୋଳ,ଶତୃଘ୍ନ ସାହୁ,ଉମାକାନ୍ତ ରାଉତରାୟ,ପ୍ରଶନ୍ନ କୁମାର ପଣ୍ଡା, କେଦାର ନାଥ ବେହେରା, ଭୀମସେନ ଭୋଇ, ଦେବଲକ୍ଷ୍ମୀ ଦାସ ଓ ଭାନୁମତୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray